

ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କରନାହିଁ।
-ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ଟ୍ରକ୍ ମୁହାଁମୁହିଁ ଧକ୍କା, ଡ୍ରାଇଭର ଗୁରୁତର

ଧର୍ମଶାଳା,୨୭।୮(ଡି.ଏନ୍.ଏ.): ଧର୍ମଶାଳା ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ ମାଣ୍ଡିଆ ଛକ ନିକଟରେ ମଙ୍ଗଳବାର ୨ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଗୋଟିଏ ଟ୍ରକ୍ ଡ୍ରାଇଭର ଗୁରୁତର ହୋଇଛନ୍ତି। ଡ୍ରାଇଭର ଜଣଙ୍କ କଟକ ଜିଲା ନରସିଂହପୁର ଗ୍ରାମର ବିକିନ ସାହୁ। ଚଣ୍ଡିଖୋଲ ଦମକଳ ବାହିନୀ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଡାକ୍ତର ଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ଧର୍ମଶାଳା ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ୨ଟିକୁ ଜବତ କରିଥିବା ଜଣାପଡିଛି। ପ୍ରକାଶ ଯେ, ପୂର୍ବାହ୍ନ ସାଢେ ୧୧ଟା ସମୟରେ (ଓଡି୦୫ଏଏଫ-୯୬୨୫) ନମ୍ବର ଟ୍ରକ ସହିତ ବିପରୀତ ଦିଗରୁ ଆସୁଥିବା (ଓଆର୧୬ସି-୭୭୪୮) ନମ୍ବର ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଥିଲା।

### ଚୋରା ମଦ କାରବାରରେ ୭ଗିରଫ

ଯାଜପୁର ଟାଉନ,୨୭।୮(ଡି.ଏନ୍.ଏ.): ଯାଜପୁର ଅବକାରୀ ଅଧୀକ୍ଷକ ରଜତ କୁମାର ପ୍ରହରାଜଙ୍କ ନିର୍ଦ୍ଦେଶକ୍ରମେ ଉପଅଧିକ୍ଷକ ପ୍ରସନ୍ନ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାର ବିଭିନ୍ନ ଚଢ଼ାଉ କରାଯାଇ ୭ଜଣଙ୍କୁ ଗିରଫ କରାଯିବା ସହିତ ସେମାନଙ୍କ ଠାରୁ ୧୨୫ଲିଟର ମହୁଲି ମଦ, ୪ଲିଟର ଦେଶୀ ମଦ ଏବଂ ମୋଟରସାଇକେଲ ଜବତ କରାଯାଇଛି। ଗତ ୨୬ ଓ ୨୭ ତାରିଖ ୨ ଦିନ ଧରି ଚଢ଼ାଉ କରାଯାଇ କୁଆଖିଆ ଥାନା ଅଞ୍ଚଳର ବରକୁଳ ଗ୍ରାମର ପିତବାସ ମହାନ୍ତି, ନୂଆହାଟ ଗ୍ରାମର ପ୍ରତାପ ମଲ୍ଲିକ, ଶୁକଦେଇପୁର ଗ୍ରାମର ପରମେଶ୍ୱର ତରାଇ, କଲଣ ଗ୍ରାମର ବାବୁଲି ଦେହୁରି ଓ ରବି ମଲ୍ଲିକ, ବିଞ୍ଝାରପୁର ଥାନା ଅନ୍ତର୍ଗତ କାଣ୍ଡିସାହି ଗ୍ରାମର ରମେଶ ଚନ୍ଦ୍ର କର ଓ ଯାଜପୁର ସହର ଅନ୍ତର୍ଗତ କୁଆଁସରପୁର ଗ୍ରାମର ସଞ୍ଜୟ ଦାସଙ୍କୁ ଗିରଫ କରାଯାଇଛି। ଏହି ଚଢ଼ାଉରେ ସବ୍‌ଇନ୍ସପେକ୍ଟର ବାସନ୍ତୀ ସିର୍କା, ବିଜୟଲକ୍ଷ୍ମୀ ଦାସ, ଏଏସ୍ଆଇ ସତ୍ୟବାନ ପ୍ରଧାନ, କନଷ୍ଟେବଲ ବିପିନ ପ୍ରଧାନ, କ୍ଷୀରୋଦ ସାହୁ, ସରୋଜ ବେହେରା, ଗୟାଧର ସେଠୀ, କନଷ୍ଟେବଲ ସ୍ୱର୍ଣ୍ଣଲତା ଦାସ ପ୍ରମୁଖ ସାମିଲ ଥିଲେ।

### ଗୀତା ଜାଗରଣ ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ଯାଜପୁର ଟାଉନ,୨୭।୮(ଡି.ଏନ୍.ଏ.): ଗୀତାଜାଗରଣ ପରିଷଦ ଆନୁକୁଲ୍ୟରେ ସ୍ୱର୍ଗତ ଶଶିଭୂଷଣ ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପ୍ରତିମା କର ଅଧକ୍ଷତା କରି ସ୍ୱର୍ଗତ ନନ୍ଦଙ୍କର ତ୍ୟାଗପୂତ, ନିରଳସ ବ୍ୟକ୍ତିତ୍ୱ ସ୍ନେହ, ଶ୍ରଦ୍ଧାକୁ ମନେପକାଇବା ସହିତ ତାଙ୍କର ଅନୁପସ୍ଥିତ ଅନୁଷ୍ଠାନ ପାଇଁ ଦାରୁଣ ଆଘାତ ସୃଷ୍ଟି କରିଛି ବୋଲି କହି କରିଥିଲେ। ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ , ବରିଷ୍ଠ ସଭ୍ୟ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଶଶି ସାର୍‌ଙ୍କ ସତ୍ୟବାଦିତା, ନିର୍ଭିକତା ଓ ନିରପେକ୍ଷତା ଆଦର୍ଶମାନ ତାଙ୍କପାଇଁ ପାଥେୟ ସାଜିବ ବୋଲି ମତବ୍ୟକ୍ତ କରିଥିଲେ। ସାନ୍ତନୁ କୁମାର ଧଳ ଶଶି ସାର୍ ଜଣେ ଧର୍ମ ନିଷ୍ଠ, କର୍ତ୍ତବ୍ୟ ପରାୟଣ ଓ ଆଧ୍ୟାତ୍ମିକବାଦୀ ବ୍ୟକ୍ତି ଥିଲେ ବୋଲି କହିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଧ୍ରୁବ ଚରଣ ଦାସ, ରମାକାନ୍ତ ସାହୁ, ଗଦାଧର ରାଉତ, ରବି ନାୟକ, କାର୍ତ୍ତିକ ଚନ୍ଦ୍ର ମହାରଣା, ବାସୁଦେବ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସହସମ୍ପାଦକ ବୃନ୍ଦାବନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସମୀକ୍ଷା

# ଜାତୀୟ ଭତ୍ତା ଅପେକ୍ଷାରେ ୨୪୨୨ଜଣ

ଯାଜପୁର ଅଫିସ,୨୭।୮

ଯାଜପୁର ଜିଲାରେ ମୋଟ ୬୧,୨୧୧ ଜଣ ବ୍ୟକ୍ତି ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ୧୯,୬୪୪ ଜଣ ବିଧବା ଭତ୍ତା ଓ ୪,୬୨୩ ଜଣ ଭିନ୍ନକ୍ଷମ ଭତ୍ତା ପାଉଛନ୍ତି। ଏଥିରୁ ଶତକଡା ୭୨ଭାଗ ଆଧାର ସଂଯୋଗୀକରଣ କରାଯାଇଛି। କିନ୍ତୁ ଅତିରିକ୍ତ ଭାବେ ୨,୪୨୨ ଜଣଙ୍କୁ ଜାତୀୟ ଭତ୍ତା ପ୍ରଦାନର ଆବଶ୍ୟକ ରହିଛି। ଏଥିପାଇଁ ହିତାଧିକାରୀମାନେ ଆବେଦନ କରି ଅପେକ୍ଷାରେ ରହିଛନ୍ତି। ଏହାସହ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୧୪୩ ଜଣଙ୍କଠାରୁ ଆବେଦନ ମିଳିଥିବାବେଳେ ୭୮ଟି ମଞ୍ଜୁର ହୋଇଛି। ଅନ୍ୟ ୬୫ଟିର ଅନୁଧ୍ୟାନ ଚାଲିଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସମୀକ୍ଷା ବୈଠକରେ ଏହି ତଥ୍ୟ ଜଣାପଡିଛି। ମଙ୍ଗଳବାର ସର୍କିଟ ହାଉସଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଅଧକ୍ଷତା କରି ପ୍ରତ୍ୟେକ ନିଷ୍ଠାର ସହ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ପ୍ରତିଟି କାର୍ଯ୍ୟରେ ୫-ଟି ସୂତ୍ରକୁ ଗ୍ରହଣ କରି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ସମୀକ୍ଷା ବୈଠକରେ ମଧୁବାବୁ ପେନ୍‌ସନ ଯୋଜନାରେ ବାର୍ଦ୍ଧକ୍ୟ ଭତ୍ତା ୮୫,୬୯୬ ଜଣ, ବିଧବା ଭତ୍ତା ୩୫,୧୦୩ ଓ ୧୬,୧୨୭ ଜଣ ଭିନ୍ନକ୍ଷମ ଭତ୍ତା ପାଉଛନ୍ତି ବୋଲି ସୂଚନା ଦିଆଯାଇଥିଲା। ତେବେ ଏହି ଭତ୍ତାର ୧୦୦ ଭାଗ ହିତାଧିକାରୀ ଡିଜିଟାଲ ହୋଇଥିବାବେଳେ ମଧୁବାବୁ ପେନ୍‌ସନ ଯୋଜନାରେ ଅତିରିକ୍ତ ୨୭,୦୪୪ ଜଣଙ୍କୁ ଭତ୍ତା ପ୍ରଦାନର ଲକ୍ଷ୍ୟ ରଖାଯାଇଛି। ୨୦୧୮-୧୯ ରେ ବାଣିଶ୍ରୀ ଯୋଜନାରେ ୨୨୮୨ ଜଣ ଉପକୃତ ହୋଇଥିବାବେଳେ ୨୦୧୯-୨୦ରେ ୨୧୭୮ଜଣଙ୍କୁ ସାମିଲ କରାଯିବାର ଲକ୍ଷ୍ୟ ରଖାଯାଇଛି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୦୧୮-୧୯ରେ ୨୭ଜଣଙ୍କୁ ଓ ୨୦୧୯-୨୦ରେ ୯ଜଣଙ୍କୁ ସହାୟତା ମିଳିଥିବାବେଳେ ସିଆର୍‌ଆଇ ସହାୟତାରେ ୨୦୧୮-୧୯ରେ ୧୩୭ ଜଣଙ୍କୁ ଓ ୨୦୧୯-୨୦ରେ ୯ଜଣଙ୍କୁ ସହାୟତା ମିଳିଥିବାବେଳେ ସିଆରଆଇ ସହାୟତାରେ ୨୦୧୮-୧୯ରେ ୧୩୭ ଜଣଙ୍କୁ ଓ ୨୦୧୯-୨୦ରେ ଅଦ୍ୟାବଧି ୧୧ଜଣଙ୍କୁ ସହାୟତା ପ୍ରଦାନ କରାଯାଇଛି। ଜିଲାରେ ଚାଲୁଥିବା ୪ଟି ସ୍ୱତନ୍ତ୍ର ବିଦ୍ୟାଳୟରେ ୩୪୮ ଛାତ୍ରୀଛାତ୍ର ଥିବାବେଳେ ୩୪ ଶିକ୍ଷକ ଓ ୩୨ ଜଣ ଅଣଶିକ୍ଷକ ରହିଛନ୍ତି। ୨୦୧୮ ପର୍ଯ୍ୟନ୍ତ ୧୩୧୧ ଜଣଙ୍କୁ ବିଭିନ୍ନ ଭିନ୍ନକ୍ଷମ ଉପକରଣ ବଣ୍ଟାଯାଇଥିବାବେଳେ ୨୦୧୮-୧୯ରେ ୧୮ ଜଣ ବିବିଧ ଉପକରଣ ପ୍ରଦାନ କରାଯାଇଥିଲା। ଭିନ୍ନକ୍ଷମ ଯଦି ସକ୍ଷମଙ୍କୁ ବିବାହ କରନ୍ତି ସେ କ୍ଷେତ୍ରରେ ସହାୟତା ପ୍ରଦାନ କରାଯାଇଥାଏ। ବର୍ତ୍ତମାନ ସୁଦ୍ଧା ୨୨ଟି ମଞ୍ଜୁର ହୋଇଥିବାବେଳେ ୧୫ ଜଣଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ମିଶନ କ୍ଷମତା ନାମରେ ଭିନ୍ନକ୍ଷମ ସ୍ୱୟଂ ସହାୟକ ୫୩ଟି ଗୋଷ୍ଠୀଙ୍କୁ ୯,୭୦,୦୦୦ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଜିଲାରେ ଓରେଡା ପକ୍ଷରୁ ୧୨,୫୫୯ ଟି ବାୟୋ ଗ୍ୟାସ ପ୍ଲାଣ୍ଟ ବା ଜୈବିକ ବାଷ୍ପ କାରଖାନା କରାଯାଇଛି। ଜିଲାର ୧୦୦୦ଟି ବିଦ୍ୟାଳୟରେ ପରିଷଦ ଚୁଲା ବ୍ୟବସ୍ଥା ହୋଇଛି। ତେବେ ଏହି ଚୁଲାଗୁଡିକୁ ଅନୁଧ୍ୟାନ ପାଇଁ ମନ୍ତ୍ରୀ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ୯ଟି ବ୍ଲକରେ ୩୪୮ ଗୋଟି ସୌର ଲଣ୍ଠନ ବଣ୍ଟନ କରାଯାଇଛି। ସୌର ଶକ୍ତି ପ୍ରକଳ୍ପ ଭାବେ ୨.୫ କିଲୋୱାଟର ପ୍ଲାଣ୍ଟ ମଙ୍ଗଳପୁର ପୋଲିସ ଷ୍ଟେଶନ, କାଳିଆପାଣି ପୋଲିସ, ବରୀ ରାମଚନ୍ଦ୍ରପୁର ଓ ଟମ୍କା ପୋଲିସ ଷ୍ଟେଶନ ସହ ରାମ୍ପିଲୋ ଆଦର୍ଶ ବିଦ୍ୟାଳୟରେ ସ୍ଥାପନ କରାଯାଇଛି। ୨୬୨ ଟି ସୋଲାର ପମ୍ପ ମାଧ୍ୟମରେ ପାନୀୟ ଜଳ ବ୍ୟବସ୍ଥା ହୋଇଛି। ୧୧ଟି ଜଳସେଚିତ, ସୌର ପମ୍ପ ଚାଷ ପାଇଁ ବ୍ୟବହୃତ ହେଉଥିବାବେଳେ ଯାଜପୁର ଉତ୍କଳ ବାଳାଶ୍ରମରେ ୫୦୦ଲିଟର କ୍ଷମତା ବିଶିଷ୍ଟ ଗରମ ପାଣି ପାଇଁ ସୋଲାର ପ୍ରୋଜେକ୍ଟର ବ୍ୟବସ୍ଥା କରାଯାଇଛି। ଏହି ସମୀକ୍ଷା ବୈଠକରେ ବରୀ ବିଧାୟିକା ସୁନନ୍ଦା ଦାସ, ଜିଲାପାଳ ରଞ୍ଜନ କୁମାର ଦାସ, ସାମାଜିକ ସୁରକ୍ଷା ନିର୍ଦ୍ଦେଶକ ବ୍ରତତି ହରିଚନ୍ଦନ, ପ୍ରକଳ୍ପ ନିର୍ଦ୍ଦେଶକ ମନୋଜକୁମାର ବେହେରା, ଅତିରିକ୍ତ ଜିଲାପାଳ ମହିର ପ୍ରସାଦ ମହାନ୍ତି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସମୀକ୍ଷା ବୈଠକରେ ଉପସ୍ଥିତ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟିକା ସୁନନ୍ଦା ଦାସ ଓ ଜିଲା ପ୍ରଶାସନିକ ଅଧିକାରୀ।

- ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୬୫ଟି ବିଚାରାଧୀନ
- ମଧୁବାବୁ ପେନ୍‌ସନ ଯୋଜନାରେ ୨୭୦୪୪ ଜଣଙ୍କୁ ସାମିଲ ଲକ୍ଷ୍ୟ

■ ରାଜ୍ୟ ଆଦର୍ଶ ବିଦ୍ୟାଳୟର ପରିଚାଳନା ଉନ୍ନୟନ କମିଟି ବୈଠକ

# ସମସ୍ୟା ସମାଧାନ ନେଇ ଜିଲାପାଳଙ୍କ ପ୍ରତିଶ୍ରୁତି

କୋରେଇ,୨୭।୮(ସ୍ୱ.ପ୍ର.)

କୋରେଇ ବ୍ଲକ ଅଧୀନ ବେଗନାସ୍ଥିତ ଓଡ଼ଶା ଆଦର୍ଶ ବିଦ୍ୟାଳୟର ପରିଚାଳନା ଉନ୍ନୟନ କମିଟି ବୈଠକ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧକ୍ଷ ତଥା ଜିଲାପାଳ ରଞ୍ଜନ କୁମାର ଦାସଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ପ୍ରଶାନ୍ତ କୁମାର ନନ୍ଦ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଯଥା ଅଧକ୍ଷ ଓ ଶିକ୍ଷକ ନିଯୁକ୍ତି, ବିଦ୍ୟାଳୟର ନିରାପତ୍ତା ପ୍ରମାଣପତ୍ର, ମୁଖ୍ୟ ରାସ୍ତାରୁ ବିଦ୍ୟାଳୟକୁ ରାସ୍ତା ନିର୍ମାଣ, ପାଚେରୀ ନିର୍ମାଣ, ରୋଷେଇ ପାଇଁ ପେଣ୍ଡାଲ, ନଳକୂପ ସ୍ଥାପନ, ସ୍ମାର୍ଟ ଶ୍ରେଣୀ ଗୃହ ଆଦି ସମ୍ପର୍କରେ ଆଲୋଚନା କରିବା ସହ ଲିଖିତଭାବେ ଜଣାଇଥିଲେ। ଏହି ସବୁ ସମସ୍ୟାର ସମାଧାନ ପାଇଁ ଜିଲାପାଳ ଦାସ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସମସ୍ତ ସମସ୍ୟାର ସମାଧାନ ଯଥାଶୀଘ୍ର ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗନଗର ଏଡିଏମ୍ ସନ୍ତୋଷ କୁମାର ମିଶ୍ର, ଜିଲା ଶିକ୍ଷାଧିକାରୀ କୃଷ୍ଣ ଚନ୍ଦ୍ର ନାୟକ, ମଣ୍ଡଳ ଶିକ୍ଷାଧିକାରୀ ଶୁସାନ୍ତ ଶତପଥୀ, କୋରାଇ ପ୍ରାଥମିକ ସ୍ୱାସ୍ଥ୍ୟାଧିକାରୀ ହିମାଂଶୁ କୁମାର, ସୂର୍ଯ୍ୟମଣି ଖୁଣ୍ଟିଆ, ପରମେଶ୍ୱର ନାୟକ, ବିବେକାନନ୍ଦ ମହାନ୍ତି, ନିର୍ମଳ ରଥ, ସସ୍ମିତା ଦାଶ, ମିନାକ୍ଷୀ ଦାସ, ମିତାରାଣୀ ମହାପାତ୍ର, ସୁମିତ୍ରୋ ବେହେରା ଓ ଛାତ୍ର ସଭ୍ୟ ଯସରାଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୁମିତ୍ରା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ବେଗନାସ୍ଥିତ ଓଡ଼ଶା ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ ପରିଚାଳନା ଉନ୍ନୟନ କମିଟି ବୈଠକ।

# ମତ୍ସ୍ୟ, ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ମେଧାବି ବିଦ୍ୟାର୍ଥୀଙ୍କୁ ଉଚ୍ଚ ଶିକ୍ଷା ପାଇଁ ସହାୟତା

ରସୁଲପୁର,୨୭।୮(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ପକ୍ଷରୁ ଧୀବର ସମ୍ପ୍ରଦାୟର ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚଶିକ୍ଷା ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏହି କ୍ରମରେ ଯାଜପୁର ଜିଲା ରସୁଲପୁର ବ୍ଲକ ଅଞ୍ଚଳରେ ୨୦୧୭-୧୮ ଆର୍ଥିକ ବର୍ଷରେ ୨୨ଜଣ ପିଲାଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ବାର୍ଷିକ ସହାୟତା ରାଶି ପିଲାମାନଙ୍କ ଜମାଖାତାରେ ପୈଠ କରାଯିବ ବୋଲି ବ୍ଲକ ମତ୍ସ୍ୟ ଓ ପଶୁ ସମ୍ପଦ ଅଧିକାରୀ ରୋଜାଲିନ ସାହୁ ପ୍ରକାଶ କରିଛନ୍ତି। ଏହାଛଡ଼ା ବ୍ଲକ ଅଞ୍ଚଳରେ ଥିବା ସମସ୍ତ ଯୋଗ୍ୟ ବିଦ୍ୟାର୍ଥୀ ଏଥିରେ ସାମିଲ ହେବା ସହ ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ଆବେଦନ କରିବାକୁ ବିଭାଗୀୟ ଅଧିକାରୀଣୀଙ୍କ ପକ୍ଷରୁ ସୂଚନା ଦେଇଛନ୍ତି। ଏହି ବ୍ଲକ ଅଧିନସ୍ଥ ୨୮ଗୋଟି ପଞ୍ଚାୟତରୁ ୨୨ଜଣ କଲେଜ ପଢୁଆ ପିଲାଙ୍କୁ ଯୋଗ୍ୟ ବିବେଚିତ କରାଯାଇଥିଲା। ୨୦୧୮-୧୯ ଶିକ୍ଷାବର୍ଷରେ ହାଇସ୍କୁଲ ବୋର୍ଡ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ଏହି ସୁବିଧା ମିଳୁଛି। ବୋର୍ଡ ପରୀକ୍ଷାରେ ଅନ୍ୟୁନ ୫୦ଶତକଡ଼ା ନମ୍ବର କିମ୍ବା ତଦୁର୍ଦ୍ଧ୍ୱ ନମ୍ବର ରଖିଥିବା ପିଲାଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇପାରିବ। ୫୦% ନମ୍ବର ରଖିଥିବା ପିଲାକୁ ବାର୍ଷିକ ୩,୦୦୦ଟଙ୍କା, ୬୦% ନମ୍ବର ପାଇଁ ୬୦୦୦ଟଙ୍କା ଓ ୭୦% ନମ୍ବର ପାଇଁ ୭,୫୦୦ଟଙ୍କା ଆର୍ଥିକ ସହାୟତା ମିଳିପାରିବ। ଏଥିସକାଶେ ପ୍ରତ୍ୟେକ ଆବେଦନକାରୀ ବିଦ୍ୟାର୍ଥୀ ଜାତିଗତ ପ୍ରମାଣପତ୍ର, ହାଇସ୍କୁଲ ବୋର୍ଡ ପରୀକ୍ଷାର ପ୍ରମାଣପତ୍ର, ଆବାସିକ, ଆୟଗତ, କଲେଜରେ ପାଢପଢୁଥିବା ଆଦିର ପ୍ରମାଣପତ୍ର ସହ ବ୍ୟାଙ୍କ ଜମାଖାତା, ଆଧାରକାର୍ଡ ଓ ଫଟୋ ସହ ଏଥିପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରି ଆବେଦନ କରିବାକୁ ହେବ। ଏଦିଗରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଆବେଦନ ପାଇଁ ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ସମସ୍ତ ପଞ୍ଚାୟତକୁ ସୂଚନା ପ୍ରଦନ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ସହ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ନାମକୁ ତୁରନ୍ତ ପଞ୍ଜୀକରଣ କରିବା ସହ ଆର୍ଥିକ ସହାୟତା ଉପଲବ୍ଧ ହେବାକୁ ବିଭାଗ ପକ୍ଷରୁ ସାହୁ ନିବେଦନ କରିଛନ୍ତି।

# ପାରିଆ ପଞ୍ଚାୟତରେ ୩ ପ୍ରକଳ୍ପ ଲୋକାର୍ପିତ



ହରିଶଙ୍କର ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଅଧିକାରୀ।

ଛତିଆ, ୨୭।୮(ଡି.ଏନ୍.ଏ.)

କଟକ ଯାଜପୁର ମଧ ସ୍ଥଳରେ ଅବସ୍ଥିତ କପିଳାସ ସିମେଣ୍ଟ ମ୍ୟାନୁଫ୍ୟାକ୍ଟର ଲିମିଟେଡ ପକ୍ଷରୁ ମଙ୍ଗଳବାର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରେ ପାରିଆ ପଞ୍ଚାୟତରେ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳରେ ନିର୍ମିତ ୩ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ହରିଶଙ୍କର ବିଦ୍ୟାମନ୍ଦିର ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ମନୋରଞ୍ଜନ ସ୍ୱାଇଁଙ୍କ ଅଧକ୍ଷତାରେ ଡାଲମିଆ ଭାରତ ସିମେଣ୍ଟ ଲିମିଟେଡ୍‌ର ଉପ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ମନୋରଞ୍ଜନ ସାହୁ ଯୋଗଦେଇଥିଲେ। ପାରିଆ ପଞ୍ଚାୟତର ଅମୀୟଝରି ଗ୍ରାମର ହଦ ଆଦିବାସୀ ସାହିରେ ପ୍ରାୟ ୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏକ ଗୋଷ୍ଠୀ କେନ୍ଦ୍ର, ସେହିପରି ୩ ଲକ୍ଷ ୫୦ ହଜାର ଟଙ୍କାରେ ନିର୍ମିତ ବରୁଣିଆ ଗ୍ରାମର ଆଖଣ୍ଡଳ ମଣି ଗୋଷ୍ଠୀ କେନ୍ଦ୍ର ଓ ହରିଶଙ୍କର ବିଦ୍ୟାମନ୍ଦିର ବରୁଣିଆ ପରିସରରେ ୩ ଲକ୍ଷ ଟଙ୍କା ଅଟକଳରେ ନିର୍ମିତ ଶୌଚାଳୟ ଆଦି ୩ ପ୍ରକଳ୍ପର ସେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ସ୍ୱାଗତିକା ପଣ୍ଡା, ସମିତି ସଭ୍ୟ ଶ୍ରୀକାନ୍ତ ବେହେରା, ମାନସ ପଣ୍ଡା, କାରଖାନାର ଲୋକ ସମ୍ପର୍କ ଅଧିକାରୀ ନୀଳାମ୍ବର ମିଶ୍ର, ବଳରାମ ଭୂୟାଁ, ବାପୁପ୍ରିୟ ରାମ, କୃଷ୍ଣ ଚନ୍ଦ୍ର ସେଠୀ, ସୁବାସୀଷ୍ ଦାସ, ମନୋଜ ମହାରଣା, ଜାନକୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ବରଦା ପ୍ରସନ୍ନ ଶତପଥୀ ଧନ୍ୟବାଦ ଦେଇଥିଲେ।

## ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ଗ୍ରାହକ ସପ୍ତାହ

ରସୁଲପୁର,୨୭।୮(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରର ହାଇଟେକ୍ କଲେଜସ୍ଥିତ ଇଣ୍ଡିଆନ ବ୍ୟାଙ୍କ ପକ୍ଷରୁ ଗ୍ରାହକ ସପ୍ତାହ ପାଳିତ ହୋଇଛି। ଏହି ସପ୍ତାହ ପାଳନ ଅବସରରେ ବ୍ୟାଙ୍କ ପକ୍ଷରୁ ଗ୍ରାହକମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇ ସମାଧାନ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହି ଅବସରରେ ବ୍ୟାଙ୍କର୍ସ ଓ ଗ୍ରାହକଙ୍କୁ ନେଇ ଅନୁଷ୍ଠିତ ଆଲୋଚନାଚକ୍ରରେ ବ୍ୟାଙ୍କ ପକ୍ଷରୁ ବିତ୍ତ ଅଧିକାରୀ ଅଶୋକ କୁମାର ନାୟକ ଅଧକ୍ଷତା କରିଥିଲେ। ଏଥିରେ ଶାଖା ପରିଚାଳକ ଦେବୀଦତ୍ତ କାନୁନ୍‌ଗୋ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଗ୍ରାହକମାନଙ୍କ ଆବଶ୍ୟକତା ଓ ଚାହିଦାକୁ ଗୁରୁତ୍ୱ ଦେଇ ବ୍ୟାଙ୍କ ପକ୍ଷରୁ ନାନା ଯୋଜନା ରହିଛି। ଗ୍ରାହକ ଓ ବ୍ୟାଙ୍କର୍ସ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇପାରିଲେ ଉଭୟ ଲାଭବାନ ହୋଇ ପାରିବେ ବୋଲି କାନୁନଗୋ କହିଥିଲେ।

# ମୃତ ଡ୍ରାଇଭର ସୀତାକାନ୍ତଙ୍କ ପରିବାରକୁ ଭେଟିଲେ ସମାଜସେବୀ

ଯାଜପୁର ଟାଉନ, ୨୭।୮(ଡି.ଏନ୍.ଏ.)

କଳିକତା।୦।ରେ ଇଲେକ୍ଟ୍ରି ତାର ଲାଗି ମୃତ୍ୟୁ ବରଣ କରିଥିବା ଯାଜପୁର ଅଞ୍ଚଳର ଡ୍ରାଇଭର ସୀତାକାନ୍ତଙ୍କ ଶୋକସନ୍ତପ୍ତ ପରିବାରକୁ ମଙ୍ଗଳବାର କିଛି ସାମାଜିକ କର୍ମୀ ଭେଟି ସମବେଦନା ଜ୍ଞାପନ କରିଛନ୍ତି। ଯାଜପୁର ସହର ନିକଟସ୍ଥ କୁରୁଳି ଗ୍ରାମରେ ସୀତାକାନ୍ତଙ୍କ ବିଧବା ପତ୍ନୀ ଓ ୪ ଝିଅ ଏକ ଚାଳକୁଡିଆ ଘରେ ରହିଆସୁଛନ୍ତି। ଯାଜପୁର ମୋଟରଚାଳକ ସଂଘର ସଭାପତି ପ୍ରଭାତ କୁମାର ରାଉତରାୟଙ୍କ ସହ ଦଶରଥପୁର ବ୍ଲକ ପୂର୍ବତନ ଅଧକ୍ଷ ଆଦିକନ୍ଦ ସନ୍ଧିବିଗ୍ରହ ମୃତ ସୀତାକାନ୍ତଙ୍କ ପରିବାରକୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସାମାଜିକ କର୍ମୀ ଶମ୍ଭୁନାଥ ରାଉତରାୟ, ସତ୍ୟବ୍ରତ ସାହୁ, ନିହାର ରାୟ, ଅଶୋକ ସାହୁ, ସଂଘର ସଂପାଦକ ମଇନ ପଣ୍ଡା, ଅଙ୍କୁର ଦାସ, ରମେଶ ଜେନା ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ଭେଟିଥିଲେ।



ମୃତ ଡ୍ରାଇଭରଙ୍କ ପରିବାରକୁ ଭେଟିବାକୁ ଆସିଥିବା ସାମାଜିକ କର୍ମୀ।

## ଅଜଣା ରୋଗରେ ମରୁଛନ୍ତି ଗୃହପାଳିତ ପ୍ରାଣୀ

# ରାଜ୍ୟ, ଜିଲା ପ୍ରାଣୀ ବିଭାଗ ପକ୍ଷରୁ ଚିକିତ୍ସା ଦାବି

ଧର୍ମଶାଳା,୨୭।୮(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅଞ୍ଚଳରେ ଅଜଣା ରୋଗରେ ଗୋରୁ ଓ ମଇଁଷି ଆଦି ଗୃହପାଳିତ ପଶୁ ଆକ୍ରାନ୍ତ ହେଉଛନ୍ତି। ଏହି ରୋଗ ପାଇଁ ପ୍ରତିଷେଧକ ଔଷଧ ନ ଥିବା ବେଳେ ପଶ୍ଚିମବଙ୍ଗରୁ ଏହି ରୋଗ ବ୍ୟାପୁଥିବା ପ୍ରାଣୀ ଚିକିତ୍ସା ଅଧିକାରୀ କହିଛନ୍ତି। ଏହି ରୋଗକୁ ଚର୍ମବିଣ୍ଡି ବସନ୍ତ ରୋଗ ବୋଲି କୁହାଯାଉଛି। ଏହି ରୋଗ ହେଲେ ଗୋରୁଙ୍କ ଗୋଡ ଫୁଲିବା ସହିତ ମୁଣ୍ଡ, ବେକ, ଗୋଡ, ପହ୍ଲା ଆଦିରେ ଆବୁ ବାହାରିବା ପରି ଫୁଲି ଯାଇଥାଏ। ଆବୁ ଗୁଡିକ ଗୋଲାକାର, କଳାରଙ୍ଗର ଓ ଛୁଇଁଲେ ଏହା ଟାଣ ଲାଗିଥାଏ। ଏହା ଏକ ଭୂତାଣୁ ଜନିତ ରୋଗ କାପ୍ରିପକ୍ସ ଭାଇରସ ଦ୍ୱାରା ବ୍ୟାପିଥାଏ। ଏହି ରୋଗରେ ଧର୍ମଶାଳା ବ୍ଲକର ଗଡମଧୁପୁର ପଞ୍ଚାୟତରେ ବ୍ୟାପକ ଭାବେ ଦେଖାଦେଇଥିଲା ବେଳେ ଚୋରମୁହାଁ, ଚହଟା, ଗଙ୍ଗାଧରପୁର, କମାଗଡ, ଜେନାପୁର ଆଦି ପଞ୍ଚାୟତରେ ବହୁ ଗୋରୁ ରୋଗରେ ଆକ୍ରାନ୍ତ ହୋଇଥିବା ପଶୁ ଚିକିତ୍ସକ ବିକ୍ରମ କୁମାର ଆଚାର୍ଯ୍ୟ କହିଛନ୍ତି। ଏହି ରୋଗର ପ୍ରତିକାର ପାଇଁ ରାଜ୍ୟ ଓ ଜିଲା ପ୍ରାଣୀ ବିଭାଗ ପକ୍ଷରୁ ଚିକିତ୍ସା କରିବା ପାଇଁ ଦାବି ହୋଇଛି।

# ଚାଷଜମିରୁ ବର୍ଷାଜଳ ନିଷ୍କାସନ ପାଇଁ ରାସ୍ତା କାଟିଲା ପ୍ରଶାସନ

ବିଞ୍ଝାରପୁର,୨୭।୮(ଡି.ଏନ୍.ଏ.)

ବିଞ୍ଝାରପୁର ଅଞ୍ଚଳରେ ଗତ କିଛିଦିନ ତଳେ ଲଗାଣ ବର୍ଷା ହେବା ଫଳରେ ହଜାର ହଜାର ହେକ୍ଟର ଚାଷଜମିରେ ବର୍ଷାଜଳ ଜମି ରହି ଧାନଫସଲ ପ୍ରଭାବିତ ହୋଇଥିଲା। ଏନେଇ ସ୍ଥାନୀୟ ଚାଷୀମାନେ ଚାଷଜମିରୁ ଜଳନିଷ୍କାସନ ପାଇଁ ପ୍ରଶାସନ ନିକଟରେ ଫେରାଦ ହୋଇଥିଲେ। ଅଭିଯୋଗକୁ ୧୫ ଦିନ ବିତିଯାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ତେବେ ମଙ୍ଗଳବାର ପୂର୍ବାହ୍ନରେ ବିଞ୍ଝାରପୁର ତହସିଲଦାର ମିନତୀ ଜଗଦେବ,ଏସ୍‌ଡିପିଓ ରବୀନ୍ଦ୍ର କୁମାର ଜେନା, ଥାନା ଅଧିକାରୀ ଶିବଚରଣ ବେହେରା ପ୍ରମୁଖ ବର୍ଷାଜଳ ନିଷ୍କାସିତ ହେଇପାରୁ ନ ଥିବା ବଦି-ଅଣ୍ଡାଳ ରଜସ୍ୱ ମୌଜାରେ ପହଞ୍ଚି ଘଟଣାର ଉପଲବ୍ଧି କରିବା ସହିତ ବର୍ଷାଜଳ ନିଷ୍କାସନ ପାଇଁ ବାଧକ ସାଜିଥିବା ବଦି-ଅଣ୍ଡାଳ ମୁଖ୍ୟରାସ୍ତାକୁ ପ୍ରଶାସନ କାଟିବାକୁ ନିଷ୍ପତ୍ତି ନେଇଥିଲେ। ମାତ୍ର ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ସାଧାରଣଲୋକଙ୍କ ଗମନାଗମନରେ ଅସୁବିଧା ହେବ ବୋଲି ସ୍ଥାନୀୟ ବଦି-ଅଣ୍ଡାଳର ଗ୍ରାମବାସୀ ବିରୋଧ କରିଥିଲେ। ତେବେ ତହସିଲଦାର ଜଗଦେବ, ସ୍ଥାନୀୟ ହଳଦୀଡିହ-ଫଳପୁର ଗ୍ରାପର ସରପଞ୍ଚ ପ୍ରଶାନ୍ତ ମଲ୍ଲିକ, ଆଉଁରୀ ସରପଞ୍ଚ ସମରେନ୍ଦ୍ର ସାହୁ ପ୍ରମୁଖ ବିରୋଧ କରୁଥିବା ଗ୍ରାମବାସୀ ବୁଝେଇବା ସହିତ କଟାଯିବା ରାସ୍ତାରେ ଦୁଇଦିନ ଭିତରେ ହୋମ ପାଇପ ପକାଇଦେବାକୁ ପ୍ରତିଶ୍ରୁତି ଦେବା ପରେ ପ୍ରଶାସନଦ୍ୱାରା ବଦି-ଅଣ୍ଡାଳ ମୁଖ୍ୟ ରାସ୍ତାର ୫ମିଟରର ରାସ୍ତାକଟାଯାଇ ବର୍ଷାଜଳ ନିଷ୍କାସିତ କରାଯାଇଥିଲା।

ପ୍ରକାଶ ଯେ, ବିଞ୍ଝାରପୁର ବ୍ଲକରେ ଧାନଚାଷ ପାଇଁ କୌଣସି ଜଳସେଚନର ସୁବିଧା ନ ଥିଲାବେଳେ ଚାଷୀମାନେ ବିଶେଷକରି ବର୍ଷାଜଳ ଉପରେ ନିର୍ଭର କରିଥାନ୍ତି। ଚଳିତ ବର୍ଷ ମୌସୁମି ଲୁଚକାଳି ଖେଳଯୋଗୁ ଏହି ଅଞ୍ଚଳରେ ଧାନଚାଷ ବହୁତ ପଛୁଆ ହୋଇପଡିଥିଲା। ଏବେ ବି କେତେକ ଚାଷୀ ଧାନ ରୋଉଛନ୍ତି। ମାତ୍ର ଲଗାଣ ବର୍ଷା ଫଳରେ ଚାଷ ଜମିରେ ୨ଫୁଟ ବର୍ଷାଜଳ ଏଥିରେ ବାଧକ ସାଜିଛି। ଏପରି କି ଚାଷ ଜମିରେ ବର୍ଷା ଜଳ ଜମି ହୋଇ ରହିଥିବାରୁ ଧାନ ଗଛ ପାଣିରେ ବୁଡ଼ି ରହି ନଷ୍ଟ ହେବାକୁ ବସିଲାଣି। ଯାହାଦ୍ୱାରା ଧାନ ଫସଲ ହାନି ହେବାର ଆଶଙ୍କା ଦେଖାଦେଇଛି। ଚାଷଜମିରୁ ଜମି ରହିଥିବା ବର୍ଷାଜଳ ନିଷ୍କାସିତ କରିବାକୁ ସ୍ଥାନୀୟ ଚାଷୀମାନେ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ଗୁହାର କରିଥିଲେ। ଏପରି କି ହଳଦୀଡିହ-ଫଳପୁର, ଆଉଁରୀ ରାଜସ୍ୱ ମୌଜାର ତଳିଆ ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନସ୍ଥ ବଦି-ଅଣ୍ଡାଳ ପ୍ରଧାନମନ୍ତ୍ରୀ ସଡ଼କ ବାଧକ ସାଜିଥିବା ଅଭିଯୋଗ କରିଥିଲେ।



ପ୍ରଶାସନ ପକ୍ଷରୁ ରାସ୍ତା କାଟି ଜମିରୁ ବର୍ଷାଜଳ ନିଷ୍କାସନ କରାଯାଉଛି।



ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ।
- ଫ୍ରାଙ୍କଲିନ

## ସଂକ୍ଷେପରେ

### ଟ୍ରାଇ ସାଇକେଲରେ ସଚେତନତା ଅଭିଯାନ
### ଶ୍ରୀରାମ ଯୁବକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

ସୁକିନ୍ଦା,୨୭।୮(ଡି.ଏନ୍.ଏ.)- ବିହାର ପାଟନା ଜିଲାର ଭଗବାନ କୁମାର ମିଶ୍ର ନାମକ ଜଣେ ଦିବ୍ୟାଙ୍ଗ ପୁରୀ ଜିଲାରୁ ଟ୍ରାଇ ସାଇକେଲରେ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି। ଝିଅ ବଞ୍ଚାନ୍ତୁ ଭାରତ ବଞ୍ଚାନ୍ତୁ, ରକ୍ତ ଦାନ କରିବା ସହ ଗାଡି ଚଳାଇବା ସମୟରେ ମୋବାଇଲରେ କଥାହୋଇ ଅକାଳରେ ଦୁର୍ଘଟଣା ନ ଘଟାଇବାକୁ ସାରାଭାରତରେ ସଚେତନା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି ମର୍ମରେ ମଙ୍ଗଳବାର ସେ ଯାଜପୁର ଜିଲାର ସୁକିନ୍ଦାଗଡ ଶ୍ରୀରାମ ଯୁବକ ସଂଘ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଶ୍ରୀରାମ ଯୁବକ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ରାତ୍ରି ଯାପନର ବ୍ୟବସ୍ଥା କରାଯାଇଥିଲା। ଏହି ସଚେତନତା ଯାତ୍ରାରେ ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡା ଜିଲାରେ ସଚେତନତା ଯାତ୍ରା ଶେଷ ପରେ ଯାଜପୁର ପହଞ୍ଚିଛନ୍ତି। ଦୁର୍ବଳ ଆର୍ଥିକ ସ୍ଥିତିକୁ ଖାତିର ନ କରି ସଚେତନତା ପାଇଁ ଟ୍ରାଇସାଇକେଲରେ ଗୋଟିଏ ଜିଲାରୁ ଅନ୍ୟ ଜିଲାକୁ ଯାତ୍ରା କରିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି। ପ୍ରକାଶ ଯେ, ସାରା ଦେଶକୁ ପୋଲିଓ ମୁକ୍ତ ଦେଶ ଗଠନ ନିମନ୍ତେ ଦେଢ ବର୍ଷ ତଳେ ମଧ ସାଇକେଲରେ ସଚେତନତା କରିଥିଲେ।

### କଳାମାଟିଆ ଶହୀଦ ପୀଠକୁ ଜାତୀୟ ସ୍ମାରକୀ ଦାବି

ବରୀ,୨୭।୮(ସ୍ୱ.ପ୍ର.)- ବରୀ ବ୍ଲକ ଅଧୀନ କଳାମାଟିଆ ଶହୀଦ ପୀଠକୁ ଜାତୀୟ ସ୍ମାରକୀ ପାଇଁ ଦାବି କରାଯାଇଛି। ଏ ନେଇ ସୋମବାର ସର୍ବଭାରତୀୟ ଗଣତାନ୍ତ୍ରିକ ଯୁବ ସଂଗଠନ, ଯାଜପୁର ଶାଖାର କର୍ମକର୍ତ୍ତା ଏକ ବାଇକ୍ ଶୋଭାଯାତ୍ରାରେ ମାଳଦା ଛକଠାରୁ ବାହାରି କଳାମାଟିଆ ଶହୀଦ ପୀଠରେ ପହଞ୍ଚିଥିଲେ। ସଂଗଠନର ସଭାପତି ଅଭିମନ୍ୟୁ ମଲ୍ଲିକ୍, ଉପସଭାପତି ଅକ୍ଷୟ ପଣ୍ଡା, ସଂଯୋଜକ ଅଜୟ କୁମାର ସାହୁ ପ୍ରମୁଖ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ଶହୀଦ ପୀଠରେ ଏକ ପଥପ୍ରାନ୍ତ ସଭା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ମଦନମୋହନ ପତି ସମ୍ମାନିତ ଅତିଥି ବିଶ୍ୱନାଥ ତ୍ରିପାଠୀ, ସରପଞ୍ଚ ସମୀର ମଲ୍ଲିକ ଯୋଗଦେଇ ଥିଲେ। ଶହୀଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ସେମାନଙ୍କର ବଳିଦାନ ଦିବସକୁ ଆଞ୍ଚଳିକ ସ୍ତରରେ ସ୍ମୃତି ଦିବସ ପାଳନ ପାଇଁ ପଥପ୍ରାନ୍ତ ସଭାରେ ମତପ୍ରକାଶ ପାଇଛି।

### ଲଗାଣ ବର୍ଷାରେ ଘର ଭାଙ୍ଗିଲା

ବରୀ,୨୭।୮ (ସ୍ୱ.ପ୍ର.)- ଲଘୁଚାପ ଜନିତ ଲଗାଣ ବର୍ଷାରେ ସୋମବାର ବରୀ ବ୍ଲକ ଅଧୀନ କଳାମାଟିଆ ପଞ୍ଚାୟତ ଉପରକାଇପଡା ଗ୍ରାମର ସହଦେବ ସାହୁଙ୍କ ଛଣଛପର ଘର ଭାଙ୍ଗି ଯାଇଛି। ଏ ନେଇ ସହଦେବ ବରୀ ତହସିଲରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷେ ରହିବାକୁ ଘର ନ ଥିବାରୁ ପରିବାର ଏବେ ଖୋଲା ଆକାଶ ତଳେ ଆଶ୍ରୟ ନେଇଛନ୍ତି। ସରପଞ୍ଚ ସମୀର ମଲ୍ଲିକ୍ ଘଟଣାସ୍ଥଳ ପରିଦର୍ଶନ କରି ପରିବାରକୁ ଏକ ସ୍ଥାନରେ ଥଇଥାନ କରାଇଥିବା ଜଣାପଡିଛି।

■ ରାଉତରାପୁର ସରପଞ୍ଚଙ୍କ କାର୍ଯ୍ୟଧାରାକୁ ବିରୋଧ

# ବିଡିଓଙ୍କୁ ଫେରାଦ ହେଲେ ୱାର୍ଡ ସଭ୍ୟାସଭ୍ୟ

■ ସରପଞ୍ଚ ଡକାଇଥିବା ବୈଠକକୁ ଆସିଲେନି ଅଧିକାଂଶ ସଭ୍ୟାସଭ୍ୟ
■ ସେପ୍ଟେମ୍ବର ୧୦ପରେ ଆସିପାରେ ଅନାସ୍ଥାପ୍ରସ୍ତାବ
■ କେତେକ ୱାର୍ଡ ସଭ୍ୟ ଷଡ଼ଯନ୍ତ୍ର କରୁଛନ୍ତି: ସରପଞ୍ଚ

ରସୁଲପୁର,୨୭।୮(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ରାଉତରାପୁର ପଞ୍ଚାୟତର ସରପଞ୍ଚ ରେଣୁ ସେଠୀଙ୍କ ପଦବୀ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ଉପୁଜିଛି। ପଞ୍ଚାୟତରୁ ତାଙ୍କ ବିରୋଧରେ ଦୁଇ ତୃତୀୟାଂଶରୁ ଊର୍ଦ୍ଧ୍ୱ ୱାର୍ଡ ସଭ୍ୟାସଭ୍ୟ ମେଳି ହୋଇ ବିଡିଓ ଉମାକାନ୍ତ ପରିଡାଙ୍କ ନିକଟରେ ଫେରାଦ ହୋଇଛନ୍ତି। ଫଳରେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିପାରେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ପ୍ରକାଶ ଯେ, ଏହି ପଞ୍ଚାୟତର ୧୩ଗୋଟି ୱାର୍ଡରୁ ୧୦ଟି ୱାର୍ଡର ସଭ୍ୟାସଭ୍ୟଙ୍କୁ ନେଇ ଗତ ୨୩ତାରିଖରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତର ନାଏବ ସରପଞ୍ଚ କୈଳାସ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଭ୍ୟାସଭ୍ୟମାନେ ସରପଞ୍ଚ ବିରୋଧୀ ମନ୍ତବ୍ୟ ଦେଇଥିଲେ। ପ୍ରତିମାସରେ ପଞ୍ଚାୟତ ବୈଠକ ବସିବାର ନିୟମ ରହିଥିଲେ ସୁଦ୍ଧା ଏହା ନିୟମିତ କରାଯାଉ ନାହିଁ। ପଞ୍ଚାୟତ ପକ୍ଷରୁ ଉନ୍ନୟନମୂଳକ କାର୍ଯ୍ୟ ଅଗଣତାନ୍ତ୍ରିକ ପଦ୍ଧତିରେ କରାଯାଉଛି। ଏଥିପାଇଁ ପଲ୍ଲୀସଭା ଓ ଗ୍ରାମସଭା ଡକାଯିବା ନିୟମକୁ ମଧ ପାଳନ କରାଯାଉନାହିଁ। ପଞ୍ଚାୟତ ପକ୍ଷରୁ କବାଟକୀଳା ନିଷ୍ପତ୍ତି ନିଆଯାଉଛି । ପ୍ରଥମେ ରିଜୋଲ୍ୟୁଶନ ଲେଖାଯାଉଛି। ପରେ ସଭ୍ୟାସଭ୍ୟଙ୍କ ଘର ଘର ବୁଲି ଖାତାରେ ଦସ୍ତଖତ କରାଯାଉଛି। ଏହାଛଡ଼ା ପଞ୍ଚାୟତରେ ନିଆଯାଉଥିବା ନିଷ୍ପତ୍ତି ଦିଗରେ ନିର୍ବାଚିତ ପ୍ରତିନିଧିଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି।

ଏ ସମ୍ପର୍କରେ ସୋମବାର ଅସନ୍ତୁଷ୍ଟ ପ୍ରତିନିଧିମାନେ ବିଡିଓଙ୍କ ନିକଟରେ ଫେରାଦ ହୋଇଥିବା ଜଣାପଡ଼ିଛି। ଏନେଇ ଦୀର୍ଘଦିନ ଧରି ରହିଆସୁଥିବା ଅସନ୍ତୋଷ ଅନାସ୍ଥା ଆଡ଼କୁ ଗତି କରୁଛି।



ୱାର୍ଡ ସଭ୍ୟାସଭ୍ୟ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି ।

ଜଣେ ସରପଞ୍ଚଙ୍କ ବିରୋଧରେ ତାଙ୍କ କାର୍ଯ୍ୟକାଳର ଅଢେଇ ବର୍ଷ ମଧ୍ୟରେ ଅନାସ୍ଥା ଆସିପାରିବ ନାହିଁ ବୋଲି ଜାଣି ପ୍ରତିନିଧିମାନେ ଚୁପ୍ ରହିଥିଲେ। ସେପ୍ଟେମ୍ବର ମାସ ୧୦ତାରିଖ ପରେ ସେ ବାଧା ଦୂର ହୋଇଯିବ। ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଆନାସ୍ଥା ପ୍ରସ୍ତାବ ନେଇ ଆଲୋଚନା କରାଯିବ ବୋଲି ନାଏବ ସରପଞ୍ଚ ସାହୁ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଏ ସମ୍ପର୍କରେ ସରପଞ୍ଚ ଅବଗତ ହୋଇ ତୁରନ୍ତ ଏକ ବୈଠକ ଡାକିଥିଲେ। ବୈଠକ ପାଇଁ ମଙ୍ଗଳବାର ଧାର୍ଯ୍ୟ କରାଯାଇଥିଲା। ଉକ୍ତ ବୈଠକରେ ମାତ୍ର ୩ଜଣ ୱାର୍ଡ ପ୍ରତିନିଧି ଯୋଗ ଦେଇଥିବାରୁ ବୈଠକ ଏକ ପ୍ରକାର ନିଷ୍ଫଳ ହୋଇଯାଇଛି। ଏସମ୍ପର୍କରେ ସରପଞ୍ଚ ସେଠୀଙ୍କୁ ପଚାରିବାରୁ କେତେକ ୱାର୍ଡ ସଭ୍ୟ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରୁଛନ୍ତି। ସେ ଏକ ବୈଠକ ଡାକିଥିଲେ। ହେଲେ ୱାର୍ଡ ସଭ୍ୟାସଭ୍ୟଙ୍କ ଅନୁପସ୍ଥିତି ଯୋଗୁ ତାକୁ ବାତିଲ କରି ଦିଆଯାଇଛି। ଚଳିତମାସ ଶେଷ ସୁଦ୍ଧା ଆଉ ଏକ ବୈଠକ ଡକାଯିବା ପାଇଁ ପଞ୍ଚାୟତ ପକ୍ଷରୁ ଯୋଜନା କରାଯାଉଛି ବୋଲି ସେଠୀ ପ୍ରକାଶ କରିଛନ୍ତି।

ପଞ୍ଚାୟତ ଜମାଖାତାରୁ ଟଙ୍କା ଉଠାଣ ମାମଲା

### ଜିଆର୍‌ଏସ୍, ଜିଓଟ୍ୟାଗ୍ କର୍ମଚାରୀ ତଦନ୍ତଭୁକ୍ତ

କୋରେଇ,୨୭।୮(ସ୍ୱ.ପ୍ର.)

କୋରାଇ ବ୍ଲକ ଅନ୍ତର୍ଗତ ସାଦକପୁର ପଞ୍ଚାୟତ ଜମାଖାତାରୁ ଟଙ୍କା ଅନ୍ୟ ଜମାଖାତାକୁ ଯିବା ମାମଲା ରୋଚକ ମୋଡ ନେଇଛି। ସରପଞ୍ଚଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୧୮୨/୧୯) ଦଫା ୪୨୦ ରୁଜୁକରି ତଦନ୍ତ ଜାରିରଖିଛି।। ଏହି ମାମଲାରେ ସରପଞ୍ଚ ଓ ପିଇଓ (ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ) ଉଭୟେ ଚେକ୍‌ରେ ଜାଲ ଦସ୍ତଖତ ହୋଇଥିବା ଅଭିଯୋଗ କରିଛନ୍ତି । ଦୁଇଜଣଙ୍କ ଅଭିଯୋଗ ମୁତାବକ ଟଙ୍କା କିଏ ଉଠାଇଲା ତାହା ପୋଲିସ ପାଇଁ ପ୍ରଶ୍ନ ହୋଇଥିବା ବେଳେ ସରପଞ୍ଚ ଓ ପିଇଓଙ୍କ ବୟାନ ପରେ ବ୍ୟାଙ୍କ ଯାଇ ତଦନ୍ତ ଆରମ୍ଭ କରିଛି। ଏଥିସହ ଏହି ଘଟଣାରେ ଜିଆରଏସ୍ ଓ ଜିଓ ଟ୍ୟାଗ କର୍ମଚାରୀଙ୍କୁ ସୋମବାର ବିଳମ୍ବିତ ରାତିରେ ଥାନାରେ ପଚରାଉଚରା କରିଥିଲା। ତଦନ୍ତ ନ ସରିବା ଯାଏ ସହଯୋଗ ପାଇଁ ଲିଖିତ ପ୍ରତିଶ୍ରୁତିପରେ ପୋଲିସ ସେମାନଙ୍କୁ ଛାଡିଥିବା ଜଣାପଡିଛି ।

■ ଆବାସ ଯୋଜନାରେ ଅନିୟମିତତା

## ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହେଲେ ହିତାଧିକାରୀ

କୋରେଇ,୨୭।୮(ସ୍ୱ.ପ୍ର.)

କୋରାଇ ବ୍ଲକ ଅନ୍ତର୍ଗତ ଗୋଲେଇପୁର ଓ ଗୌରପୁର ପଞ୍ଚାୟତର ବହୁ ଅଧିବାସୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେରଫେର ଓ ନାମ ବାଦ ପଡିବା ନେଇ ମଙ୍ଗଳବାର ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଗୋଲେଇପୁର ପଞ୍ଚାୟତ କେଳା ଗଡ଼ିଆ ଗ୍ରାମରେ ଥିବା ଅଧିବାସୀ ଝରଣା ମଳିକ, ରମେଶ ମଳିକ, ସଞ୍ଜୁ ମଳିକ, ବନିତା ମଳିକ, ପ୍ରମିଳା ମଳିକ, ରବି ମଳିକ ପ୍ରମୁଖଙ୍କ ଅଭିଯୋଗ ମୁତାବକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ସେମାନେ ବଞ୍ଚିତ ହୋଇଥିବା କହିଛନ୍ତି। ପୂର୍ବରୁ ସେମାନଙ୍କୁ ଆବାସ ମିଳି ନ ଥିବା ବେଳେ ନୂତନଭାବେ ତାଲିକା ଭୁକ୍ତ ହୋଇଥିଲେ ମଧ ସେମାନଙ୍କୁ ଘରକୁ ଅଧିକାରୀ ଯାଞ୍ଚ କରିବାକୁ ଆସୁ ନାହାନ୍ତି। ଫଳରେ ପୁଣି ଆବାସ ଯୋଜନାରୁ ବଞ୍ଚିତ ହେବା ଆଶଙ୍କାରେ ସେମାନଙ୍କୁ ତଦନ୍ତ କରାଯାଇ ଆବାସ ଯୋଗାଇବାକୁ ଦାବି କରିଛନ୍ତି। ସେହିପରି ଗୌରପୁର ପଞ୍ଚାୟତରେ ଆବାସ ବଣ୍ଟନରେ ବ୍ୟାପକ ହେରଫେର ଓ ଅର୍ଥ କାରବାରର ଅଭିଯୋଗ ହୋଇଛି। ଏ ବାବଦରେ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରାଯାଇଥିଲେ ମଧ ଅବଧି ଏହାର ତଦନ୍ତ କରାଯାଇ ନାହିଁ। ତୁରନ୍ତ ଏହାର ତଦନ୍ତ ପାଇଁ ଜଗବନ୍ଧୁ ଦାସ ଦାବି କରିଛନ୍ତି।



ଆବାସ ଯୋଜନାରୁ ବଞ୍ଚିତ ହିତାଧିକାରୀ ବିଡିଓଙ୍କୁ ଅଭିଯୋଗ କରୁଛନ୍ତି ।

### ନାବାଳିକାଙ୍କୁ ଅସଦାଚରଣ, ୨ କୋର୍ଟଚାଲାଣ

ଧର୍ମଶାଳା,୨୭।୮(ଡି.ଏନ୍.ଏ.)
ଧର୍ମଶାଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣଅଭିଯୋଗରେ ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଗୁଆରଙ୍ଗ ଗ୍ରାମର ନିହାର ମଳିକ(୧୯) ଓ ମାନସ ମଳିକ(୨୦) । ପ୍ରକାଶ ଯେ, ଘରେ ଏକୁଟିଆଥିବା ବେଳେ ନିହାର ଓ ମାନସ ସମ୍ପୃକ୍ତ ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ନାବାଳିକା ଜଣଙ୍କ ପାଟି କରିବାରୁ ପରିବାର ଲୋକେ ଆସିବା ଦେଖି ଯୁବକ ଦ୍ୱୟ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ଅଭିଯୋଗ କ୍ରମେ ଧର୍ମଶାଳା ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ସୋମବାର ରାତିରେ ଗିରଫ କରିଥିଲା। ମଙ୍ଗଳବାର ଉଭୟଙ୍କ ଡାକ୍ତରୀ ମାଇନା ପରେ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

### ମଦ ଜବତ, ବ୍ୟବସାୟୀ କୋର୍ଟ ଚାଲାଣ

ଛତିଆ,୨୭।୮(ଡି.ଏନ୍.ଏ.)
ବୈରୀ ଥାନା ଅନ୍ତର୍ଗତ ଛତିଆ ଚେକ୍ ପୋଷ୍ଟ ନେଳିଆ ସ୍ଥିତ ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ଥିବା ଏକ ଜଳଖିଆ ଦୋକାନରୁ ସୋମବାର ରାତିରେ ପୋଲିସ ୫ ଲିଟର ଦେଶୀ ମଦ ଜବତ କରିବା ସହ ବ୍ୟବସାୟୀଙ୍କୁ ଗିରଫ କରିଥିଲା। ଗିରଫ ବ୍ୟବସାୟୀ ଜଣଙ୍କ ନେଳିଆ ଗ୍ରାମର କୈଳାସ ଦାସ (୩୮)। ଏ ନେଇ ପୋଲିସ ଏକ (ନଂ. ୧୨୩/୧୯) ରୁଜୁ କରି ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରିଛି। ବୈରୀ ପୋଲିସ ପାଟ୍ରୋଲିଂ ସମୟରେ ସନ୍ଦେହରେ ଉକ୍ତ ଦୋକାନ ଉପରେ ଚଡାଉ କରିଥିଲା।

■ ପୋଖରୀ ଖୋଳା, ପୁନରୁଦ୍ଧାର କାମରେ ଅନିୟମିତତା

## ତଦନ୍ତ ଦାବିକଲେ ଗ୍ରାମବାସୀ



ଡୁବୁରୀ,୨୭।୮(ଡି.ଏନ୍.ଏ.)

ସୁକିନ୍ଦା ବ୍ଲକ ଅନ୍ତର୍ଗତ ସଂସାଇଲୋ ପଞ୍ଚାୟତାର ପୋଖରୀ ଖନନ ଏବଂ ପୁନରୁଦ୍ଧାର କାର୍ଯ୍ୟରେ ବ୍ୟାପକ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ମଧ୍ୟରେ ଏବାବଦ ଅର୍ଥ ହଡପ ନେଇ ମସୁଧା ହେଉଥିବା କିଛିଦିନ ତଳେ ଅଞ୍ଚଳବାସୀ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହ ତୁରନ୍ତ ପ୍ରକଳ୍ପଗୁଡିକ କାର୍ଯ୍ୟର ତଦନ୍ତ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ସଂସାଇଲୋ ପଞ୍ଚାୟତରେ ଚାଷ ଜମିକୁ ଜଳ ସେଚିତ କରିବା ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ଜଳ କଷ୍ଟ ମୁକ୍ତ କରିବା ଉଦ୍ଦେଶ୍ୟରେ ୨ଟି ପୋଖରୀର ପୁନରୁଦ୍ଧାର ଓ ୨ ପୋଖରୀ ଖନନ ପାଇଁ ଜିଲା ଖଣିଜ ପାଣ୍ଠି ଅନୁଦାନ ଅର୍ଥରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ କାର୍ଯ୍ୟ କରାଯାଉଛି। ଏଥିପାଇଁ ମୋଟ ୫୩ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ହେଲେ ବିଭାଗ ଦାୟିତ୍ୱହୀନତା ଏବଂ ଠିକାଦାରଙ୍କ ଲାଭଖୋର ମନୋବୃତ୍ତି ଯୋଗୁ ପ୍ରକଳ୍ପଗୁଡିକରେ ନାମ ମାତ୍ର କାମ କରାଯାଉଛି। ଫଳରେ ପ୍ରକଳ୍ପଗୁଡିକରୁ ସାଧାରଣ ଲୋକେ ଉପକାର ପାଇବା ନେଇ ଆଶଙ୍କା ପ୍ରକାଶ ପାଇଛି। କାର୍ଯ୍ୟସ୍ଥଳରେ ସୂଚନା ଫଳକ ଲଗାଯାଇ ନାହିଁ। ୪ ଟି ପ୍ରକଳ୍ପ ମଧ୍ୟରୁ ଖରଖେଚା ଓ ଗୁଟୁଖଳିକା ପ୍ରକଳ୍ପର ପୁନରୁଦ୍ଧାର କରାଯାଉଥିବାବେଳେ ଅନ୍ୟ ଦୁଇଟି ପଣଷପାଳ ଓ ସିଆରିଆ ନୂତନ ଭାବେ ପୋଖରୀ ଖନନ କରାଯାଉଛି। କିନ୍ତୁ ପ୍ରକଳ୍ପରେ ସୁଇସ ଗେଟ ନିର୍ମାଣ କରାଯାଇ ନ ଥିବାବେଳେ ସ୍ୱଳ୍ପ ଗଭୀରର ମାଟି ଖୋଳା ଯାଇଛି। ଏବେ ବର୍ଷାରେ ପୋଖରୀରେ ପାଣି ରହିଥିବାରୁ କେତେ ଗଭୀର ପର୍ଯ୍ୟନ୍ତ ଖୋଳାଯାଇଛି ତହା ଜଣାପଡୁ ନାହିଁ। ଯେନତେନ ପ୍ରକାର କାମ ସାରିଦେଇ ବିଲ କରିନେବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀ ତୋଫାନ ପଣ୍ଡାଙ୍କୁ ପଚାରିବାରୁ ପ୍ରକଳ୍ପଗୁଡିକର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନାହିଁ । ଠିକାଦାରଙ୍କୁ ଅଗ୍ରିମ କିଛି ଅର୍ଥ ପୈଠ କରାଯାଇଛି। ପ୍ରକଳ୍ପ କାମରେ କୌଣସି ଅନିୟମିତତା ହୋଇ ନ ଥିବା କହିଛନ୍ତି।

## ଦେବେନ୍ଦ୍ର, ରତ୍ନାକର ପାଇବେ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ପୁରସ୍କାର

ଧର୍ମଶାଳା,୨୭।୮(ଡି.ଏନ୍.ଏ.)

ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଶିଶୁ ସାହିତ୍ୟ ସ୍ରଷ୍ଟା ଉତ୍କଳଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୧୭ତମ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଚଳିତ ବର୍ଷ ପାଇଁ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର ଘୋଷଣା କରାଯାଇଛି। ଧର୍ମଶାଳା ଗୋକର୍ଣ୍ଣିକା ସାହିତ୍ୟ ସମାଜ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ମିଳିତ ଆନୁକୂଲ୍ୟରେ ଆସନ୍ତା ୧୦ ତାରିଖ ମଙ୍ଗଳବାର ଜାରକାସ୍ଥିତ ସିଭିକ ସେଣ୍ଟର ପରିସରରେ ଜୟନ୍ତୀ ଉତ୍ସବ ପାଳିତ ହେବ। ଏହି ଅବସରରେ ଚଳିତ ବର୍ଷ ପାଇଁ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର–ଶିଶୁ ସାହିତ୍ୟିକ ଦେବେନ୍ଦ୍ର ଚୌଧୁରୀ, ଶିଶୁ ସାହିତ୍ୟ ସମ୍ମାନ–ରତ୍ନାକର ନାୟକଙ୍କୁ ପ୍ରଦାନ କରିବା ପାଇଁ କମିଟି ପକ୍ଷରୁ ନାମ ଘୋଷଣା କରାଯାଇଛି। ଜୟନ୍ତୀ ଉତ୍ସବରେ ଉଦ୍‌ଘାଟକ ଭାବେ ଉପମୁଖ୍ୟ ସଚେତକ ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଦୀପ ଚନ୍ଦ୍ର ତ୍ରିପାଠୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ବିଜୟାନନ୍ଦ ସିଂ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଶିଶୁ ସାହିତ୍ୟିକ ବିରେନ୍ଦ୍ର ସାମନ୍ତରାୟ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସଭାପତି ରମାକାନ୍ତ ଜେନା ଓ ସମ୍ପାଦକ ବ୍ରଜବନ୍ଧୁ ଶତପଥୀ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ଛାତ୍ର ସଂସଦ ନିର୍ବାଚନ ସ୍ଥଗିତ ନିଷ୍ପତ୍ତିକୁ ନିନ୍ଦା କଲା କୋରେଇ ଯୁବ କଂଗ୍ରେସ



ବୈଠକରେ ଯୋଗ ଦେବାକୁ ଆସିଥିବା ଯୁବ ଛାତ୍ର କଂଗ୍ରେସର କର୍ମକର୍ତ୍ତା ।

ଯାଜପୁର ରୋଡ,୨୭।୮(ନି.ପ୍ର.)

କୋରେଇ ନିର୍ବାଚନ ମଣ୍ଡଳୀ ଯାଜପୁର ଛାତ୍ର କଂଗ୍ରେସ ତରଫରୁ ଯାଜପୁର ରୋଡଠାରେ ମଙ୍ଗଳବାର କଲେଜ ନିର୍ବାଚନକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରେଇ ନିର୍ବାଚନ ମଣ୍ଡଳୀର ଯୁବକଂଗ୍ରେସ ସଭପତି ପ୍ରିୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏବେ ସରକାର ଛାତ୍ର ସଂସଦ ନିର୍ବାଚନ ନ କରି ଚୟନ ପଦ୍ଧତିରେ ଛାତ୍ର ନେତା ମନୋନୟନକୁ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ପକ୍ଷରୁ ନିନ୍ଦା କରାଯାଇଛି। ଏ ନେଇ ଯୁବ କଂଗ୍ରେସ ସଭାପତି ମହାବିଦ୍ୟାଳୟର ଅଧ୍ୟକ୍ଷ ଆବୁ ତାହିର୍‌ଙ୍କୁ ଭେଟି ନିର୍ବାଚନ ବନ୍ଦ ହେବା ସମ୍ପର୍କରେ ଆଲୋଚନା କରିଥିଲେ। ନିର୍ବାଚନ ନ କରି ଛାତ୍ରୀଛାତ୍ରଙ୍କ ଗଣତନ୍ତ୍ର ଅଧିକାରକୁ ସରକାର କ୍ଷୁର୍ଣ୍ଣ କରିଛନ୍ତି। ଆଗାମୀ ଦିନରେ ଚୟନ ପ୍ରକ୍ରିୟାରେ ଛାତ୍ର କଂଗ୍ରେସକୁ ସାମିଲ କରିବା ପାଇଁ ସେ ଦାବି କରିଛନ୍ତି। ଏଥିସହ ଛାତ୍ର କଂଗ୍ରେସର ଅଧିକାରକୁ ଯଦି ବଞ୍ଚିତ କରାଯାଏ ତେବେ ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସ ମିଳିତଭାବେ ରାଜରାସ୍ତାକୁ ଓହ୍ଲାଇବା ସହ ଆବଶ୍ୟକ ସ୍ଥଳେ ମହାବିଦ୍ୟାଳୟରେ ତାଲା ପକାଇବ ବୋଲି ବୈଠକରେ ସୂଚନା ଦିଆଯାଇଛି। ସୁବ୍ରତ ବଳ, ଅମର ବିଶ୍ୱାଳ, ଅଭିନାସ ନାୟକ ପ୍ରମୁଖ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ନେତା ବୈଠକରେ ଉପସ୍ଥିତ ଥିଲେ।

■ ସୁଜନପୁର ପ୍ରାଥମିକ ଚିକିତ୍ସାକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ

# ୪ ମାସ ହେଲା ନାହାନ୍ତି ଡାକ୍ତର

■ ଡାକ୍ତର ନିଯୁକ୍ତି ପାଇଁ ଦାବି ହୋଇଥିଲେ ବି ଫଳ ଶୂନ
■ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ବେଡ୍ ନଷ୍ଟ ହୋଇଗଲାଣି

ବରୀ,୨୭।୮(ସ୍ୱ.ପ୍ର.)




ରାଜ୍ୟ ସରକାର ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଥିବା ଘୋଷଣା କରୁଛନ୍ତି। ହେଲେ ଅନେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଅନ୍ୟ କର୍ମଚାରୀ ନ ଥିବାରୁ ଏହି ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ଯାହାର ଏକ ଉଦାହରଣ ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀ ଅଧୀନ ସୁଜନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୪ ମାସରୁ ଊର୍ଦ୍ଧ୍ୱ ହେବ ଡାକ୍ତର ନାହାନ୍ତି। ଏବେ ଫାର୍ମାସୀ ରୋଗୀସେବା କରୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଏରବାଙ୍କ, ସାହସପୁର, ରୁଦ୍ରପୁର, ସୁଜନପୁର, ଛତିଶଦେବିଲି, ଶ୍ୟାମଦାସପୁର, ଉପରବରୁଆଁ ଆଦି ପଞ୍ଚାୟତର ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଛନ୍ତି। ହେଲେ ଡାକ୍ତର ନ ଥିବାରୁ ଅନେକ ସମସ୍ୟା ସୃଷ୍ଟି ହେଉଛି। ଫାର୍ମାସୀଙ୍କ ଉପରେ ଲୋକେ ନିର୍ଭର କରୁଥିଲେ ମଧ ଉତ୍ତମ ସେବା ମିଳିପାରୁନାହିଁ। ବାରମ୍ବାର ଲୋକେ ଡାକ୍ତର ନିଯୁକ୍ତି ପାଇଁ ଦାବି କରୁଥିଲେ ବି ଜିଲା ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ପଦକ୍ଷେପ ନେଉନାହିଁ। ଫଳରେ କୌଣସି ଜରୁରୀ ପରିସ୍ଥିତିରେ ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଛନ୍ତି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ଅଞ୍ଚଳରେ ଦୁର୍ଘଟଣା ଘଟିଲେ ପ୍ରାଥମିକ ଚିକିତ୍ସା ମିଳି ପାରୁନାହିଁ। ବିଭିନ୍ନ ସମୟରେ ମେଡିକାଲକୁ ଆବଶ୍ୟକ ଅନୁସାରେ ଔଷଧ ଯୋଗାଣରେ ବିଳମ୍ବ ହେଉଛି। ଅନେକ ଲୋକ ସ୍ୱାସ୍ଥ୍ୟକେନ୍ଦ୍ରରୁ ମାଗଣା ଔଷଧ ପାଇ ପାରୁନାହାନ୍ତି। ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ଏବେ ବର୍ଷା ଦିନ ହୋଇଥିବାରୁ ଜ୍ୱର, ଝାଡ଼ାବାନ୍ତି, ସାପକାମୁଡ଼ା, କୁକୁରକାମୁଡ଼ା ଆଦି ରୋଗୀଙ୍କ ଭିଡ଼ ଜମୁଛି। ଲୋକେ ଫାର୍ମାସୀଙ୍କ ଚିଠା ଅନୁସାରେ ଔଷଧ ନେଉଛନ୍ତି, ହେଲେ ସେମାନଙ୍କ ସ୍ୱାସ୍ଥ୍ୟ ଠିକ୍ ହେଉ ନ ଥିବା କେତେଜଣ ରୋଗୀ ଓ ତାଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରର ପରିମଳ ବ୍ୟବସ୍ଥା ମଧ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଠାରେ ଥିବା ବେଡ୍‌ଗୁଡ଼ିକ ଚିରି ନଷ୍ଟ ହୋଇଗଲାଣି। କିନ୍ତୁ ତାହାକୁ ବଦଳା ଯାଉନାହିଁ। ଅନ୍ୟପକ୍ଷରେ ଫାର୍ମାସୀ ରୋଗୀ ଦେଖୁଥିଲେ ମଧ ସବୁଦିନ ଏମ୍‌ଆର(ମେଡିସିନ ରିପ୍ରେଜେଣ୍ଟେଟିଭ୍)ମାନଙ୍କ ଭିଡ଼ ଜମୁଛି। ଏହା ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବାରୁ ଏ ସମ୍ପର୍କରେ ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟ ଜାଣି ପାରୁନାହାନ୍ତି। ଯାହାର ଫାଇଦା ଏମ୍‌ଆରମାନେ ଉଠାଉନ୍ତି। ତେଣୁ ଜିଲା ସ୍ୱାସ୍ଥ୍ୟବିଭାଗର ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ସହ ଅନ୍ୟ ସମସ୍ୟା ସମାଧାନ କରିବାକୁ ଲୋକେ ଦାବି କରିଛନ୍ତି। ଆଗାମୀ ଦିନରେ ଯଦି ସେମାନଙ୍କ ଦାବି ପୂରଣ ନ ହୁଏ ତେବେ ଜନ ଆନ୍ଦୋଳନ ଗଢ଼ି ଉଠିବ ବୋଲି ଚେତବାନୀ ଦେଇଛନ୍ତି। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମସୀ ପୂର୍ଣ୍ଣଚନ୍ଦ୍ର ଦାସଙ୍କୁ ପଚାରିବାରୁ, ଡାକ୍ତର ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି ବୋଲି କହିଛନ୍ତି। ଏ ବାବଦରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ରଶ୍ମୀପ୍ରକାଶ ଶତପଥୀଙ୍କୁ ପଚାରିବାରୁ, ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତି ପାଇଥିବା ଡାକ୍ତର ଷ୍ଟଡି ଲିଭ୍‌ରେ ଯାଇଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ଖୁବ୍‌ଶୀଘ୍ର ଏହାର ସମାଧାନ ହୋଇଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ପୋଡ଼ିହୋଇ ନାବାଳିକା ମୃତ

**ତିର୍ତ୍ତୋଲ,୨୭।୮(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଗୋବିନ୍ଦପୁର ଗ୍ରାମରେ ମଙ୍ଗଳବାର ପୋଡ଼ି ହୋଇ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସରୋଜ ସାହୁଙ୍କ ନାବାଳିକା ଝିଅ ଦିପାଲୀ(୧୫)। ରୋଷେଇ କରୁଥିବାବେଳେ କୌଣସି କାରଣରୁ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ତାଙ୍କ ଚିତ୍କାର ଶୁଣି ପଡୋଶୀ ଲୋକମାନେ ଦୌଡ଼ି ଆସି ତାଙ୍କୁ ଉଦ୍ଧାର କରି ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ଦୀନବନ୍ଧୁ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧନା

**କୁଜଙ୍ଗ,୨୭।୮(ସ୍ୱ.ପ୍ର.):** କୁଜଙ୍ଗର ପ୍ରମୁଖ ଶିକ୍ଷାନୁଷ୍ଠାନ ଦୀନବନ୍ଧୁ ଏକାଡେମୀ ପକ୍ଷରୁ ମଙ୍ଗରାଜପୁର ସରପଞ୍ଚ ତଥା ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ପୂର୍ଣ୍ଣିମା ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦେଶରେ ବଡ଼ ଚାକରି ଛାଡି ସ୍ଥାନୀୟ ଅଞ୍ଚଳର ଉନ୍ନତି ପାଇଁ ବ୍ରତୀ ଥିବା ଯୁବ ସାମାଜିକ କର୍ମୀ ତଥା ଏକାଡେମୀର ପ୍ରତିଷ୍ଠାତା ରଜତ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ଏକାଡେମୀର ଅଧକ୍ଷ ଅନଙ୍ଗ ମହାପାତ୍ର ଯୋଗଦେଇ ପୂର୍ଣ୍ଣିମାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ପୂର୍ଣ୍ଣିମା ନିଷ୍ଠା ଓ ପରିଶ୍ରମ ଦ୍ୱାରା ସମାଜରେ ଅତି ସହଜରେ ପ୍ରତିଷ୍ଠା ଅର୍ଜନ କରିହେବ ବୋଲି ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। କଳାକାର ଦିବାକର ଓଝା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଛାତ୍ରୀ କୁମାରୀ ମୋନାଲିସା ଧନ୍ୟବାଦ ଦେଇଥିଲେ।

### ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ ପ୍ରଦାନ

**ତିର୍ତ୍ତୋଲ,୨୭।୮(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ପରିସରରେ ମଙ୍ଗଳବାର ଜିଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ମୂଳିସିଂ ପଞ୍ଚାୟତର ଭିନ୍ନକ୍ଷମ ହିତାଧିକାରୀମାନଙ୍କୁ ଟ୍ରାଇସାଇକେଲ ବଣ୍ଟନ କରାଯାଇଛି। ବିଡିଓ ରଞ୍ଜନ କୁମାର ପରିଡା ଉପସ୍ଥିତ ରହି ଏହି ହିତାଧିକାରୀଙ୍କୁ ଟ୍ରାଇସାଇକେଲ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସାମାଜିକ ସମ୍ପ୍ରସାରଣ ଅଧିକାରୀ ବିଜୟ କୁମାର ପାତ୍ର, କାର୍ଯ୍ୟ ନିର୍ବାହୀ ଅଧିକାରୀ ତ୍ରିଲୋଚନ ବାରିକ, ରଶ୍ମିରଞ୍ଜନ ବିଶ୍ୱାଳ, ଲକ୍ଷ୍ମଣ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ୟବସାୟୀଙ୍କ ବିୟୋଗରେ ବଜାର ବନ୍ଦ

**ବାଲିକୁଦା,୨୭।୮(ସ୍ୱ.ପ୍ର.):** ଡେଙ୍ଗାପୋଲ ବଜାରର ମୁରବୀ ତଥା ପୁରୁଖା ବ୍ୟବସାୟୀ ଶ୍ରୀଧର ରାଉତରାୟ (୭୯)ଙ୍କ ମଙ୍ଗଳବାର ପରଲୋକ ଘଟିଛି। ସେ କିଛିଦିନ ହେବ କାମଳ ରୋଗରେ ପୀଡିତ ଥାଇ ଚିକିତ୍ସିତ ହେଉଥିଲେ। ଦୀର୍ଘ ୪୦ ବର୍ଷ ଧରି ସେ ଲୁଗା ଦୋକାନ ଦେଇଥିଲେ। ତାଙ୍କ ବିୟୋଗରେ ଡେଙ୍ଗାପୋଲ ବଜାର କମିଟି ପକ୍ଷରୁ ଶୋକବ୍ୟକ୍ତ କରାଯିବା ସହ ବଜାର ବନ୍ଦ ରଖାଯାଇଥିଲା। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ସୁବାସ ମୁଖାଗ୍ନି ଦେଇଥିଲେ। ବଜାର କମିଟି ସଭାପତି ସୌଭାଗ୍ୟ ସାମନ୍ତରା, ସମ୍ପାଦକ ପ୍ରବିର ମହାରଣାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଶୋକ ପ୍ରକାଶ କରିଛନ୍ତି।

# ଚାଷୀଙ୍କ ନାଁରେ ଗଡୁଛି ୩୫୦ କୋଟି ଋଣ

**ପ୍ରାଥମିକ କୃଷି ସମବାୟ ସମିତି**

- ଅନେକ ଚାଷୀଙ୍କ ଅଜାଣତରେ ଉଠୁଛି ଟଙ୍କା
- ପରିଶୋଧ ନ କଲେ ମଧ ପରିବାରର ଅନ୍ୟ ସଦସ୍ୟଙ୍କୁ ମିଳୁଛି ଋଣ

**ଜଗତ୍‌ସିଂହପୁର ଅଫିସ,୨୭।୮**

ଜଗତ୍‌ସିଂହପୁର ଏକ କୃଷି ପ୍ରଧାନ ଜିଲା ହୋଇଥିବା ବେଳେ ଏଠାରେ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇଦେବା ପାଇଁ ବ୍ୟାପକ କୃଷିଋଣ ପ୍ରଦାନ କରିବାକୁ ଗୁରୁତ୍ୱାରୋପ କରାଯାଉଛି। କିନ୍ତୁ ବାସ୍ତବରେ ଯେଉଁମାନଙ୍କ ନାଁରେ ଏହି ଋଣ ଦିଆଯାଉଛି, ସେମାନେ ସମସ୍ତେ ଏହାର ସୁବିଧା ପାଇପାରୁ ନାହାନ୍ତି। ଅର୍ଥାତ୍ ଅନେକ ଚାଷୀଙ୍କ ନାଁରେ ଋଣ ହେଉଥିଲେ ମଧ ସେମାନେ ଜାଣିପାରୁନାହାନ୍ତି। ବର୍ଷ ବର୍ଷ ଧରି ଏହି ଋଣ ଗଡୁଛି। ସେମାନଙ୍କ ମଧ୍ୟରୁ କେତେଜଣ ଚାଷୀ ମୃତ୍ୟୁ ପର୍ଯ୍ୟନ୍ତ ମଧ ଋଣ ସମ୍ପର୍କରେ ଜାଣିପାରୁନାହାନ୍ତି। ଆଉ କେତେଜଣ ଚାଷୀଙ୍କ ଅଜ୍ଞାତରେ ଉକ୍ତ ଋଣ ପରିଶୋଧ ମଧ କରିଦିଆଯାଉଛି। ସେହିପରି କେତେକ ଚାଷୀ ଋଣ ଶୁଝି ନ ଥିବାବେଳେ ସମିତି ସମ୍ପାଦକଙ୍କ ସହ ସଲାସୁତୁରାରେ ପରିବାରର ଅନ୍ୟ ସଦସ୍ୟଙ୍କ ନାଁରେ ଋଣ ଦିଆଯାଉଛି। ମୋଟାମୋଟି ଭାବେ କହିବାକୁ ଗଲେ ସମବାୟ ସମିତି ସମ୍ପାଦକ, ବିଭାଗୀୟ ଅଧିକାରୀ, ରାଜନେତା ଓ ଗାଁ ଦଲାଲଙ୍କ ସଲାସୁତୁରାରେ କୃଷି ଋଣ ଦିଆଯାଉଥିବା ଅଭିଯୋଗ ହେଉଛି। ଏଥିଯୋଗୁ ବକେୟା ଋଣ ରାଶି ମଧ ବଢିଚାଲିଛି। ଚଳିତବର୍ଷ ଜୁନ ମାସ ସୁଦ୍ଧା ଜିଲାର ୧୧୩ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର ୩୪୫.୭୮ କୋଟି ଟଙ୍କା ବକେୟା କୃଷିଋଣ ଥିବା ଜଣାଯାଇଛି।

ଜଗତ୍‌ସିଂହପୁର ଏଆର୍‌ସିଏସ୍ (ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଅଫ କୋ-ଅପରେଟିଭ୍ ସୋସାଇଟି) କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ଜୁନ ମାସ ସୁଦ୍ଧା ଜିଲାର ୮ ବ୍ଲକ ଅଞ୍ଚଳରେ ୮୮,୮୨୪ ଚାଷୀଙ୍କ ଉପରେ ୩୪୫.୭୮୬ କୋଟି ଟଙ୍କା ଋଣ ରାଶି ବକେୟା ରହିଛି। ସେଥିମଧ୍ୟରୁ ଜଗତ୍‌ସିଂହପୁର ସମବାୟ ବ୍ୟାଙ୍କର ୧୬,୨୭୭ ଜଣଙ୍କ ଉପରେ ୪୨.୮୫୦, ବିରିଡ଼ିର ୯,୫୬୪ ଜଣଙ୍କ ନାଁରେ ୩୫.୩୫୧, ବାଲିକୁଦାର ୧୧,୨୫୪ ଜଣଙ୍କ ନାଁରେ ୪୮.୩୪୯, ନାଉଗାଁର ୫,୦୭୦ ଜଣଙ୍କ ନାଁରେ ୨୦.୬୩୧, ରଘୁନାଥପୁରର ୧୧,୦୨୬ ଜଣଙ୍କ ନାଁରେ ୨୪.୪୨୭, ତିର୍ତ୍ତୋଲର ୭,୯୨୭ ଜଣଙ୍କ ନାଁରେ ୫୯.୧୯୮, କୁଜଙ୍ଗର ୧୧,୨୭୩ ଜଣଙ୍କ ନାଁରେ ୪୨.୬୮୨ ଓ ଏରସମାର ୧୬,୪୩୩ ଜଣଙ୍କ ନାଁରେ ୭୨.୨୯୫ ଟଙ୍କାର ଋଣ ରାଶି ବକେୟା ରହିଛି। ଏଥିରେ କିଛି ପୁରୁଣା ଋଣ ଥିବାବେଳେ ଆଉ କିଛି ନୂଆ ରହିଛି। ପୁରୁଣା ଋଣ ପ୍ରତିବର୍ଷ ଗଡି ଗଡି ଚାଲିଥିବାରୁ ବକେୟା ରାଶି ବଢୁଛି, ଯାହାର ପ୍ରମାଣ ୨୦୧୫-୧୬ରୁ ୨୦୧୮-୧୯ ବର୍ଷ ପର୍ଯ୍ୟନ୍ତ ଅନୁଧ୍ୟାନ କଲେ ଜଣାଯାଏ। ୨୦୧୫-୧୬ରେ ୩୨୭.୩୧ କୋଟି ଟଙ୍କା ଋଣ ଆଦାୟ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ଆଦାୟ ହୋଇଥିଲା ୨୮୦.୨୩ କୋଟି। ଅବଶିଷ୍ଟ ୪୭.୦୭ ଓ ଏହି ବର୍ଷର ୩୨୭.୭୮ ମିଶି ମୋଟ ୩୭୪.୮୬ କୋଟି ଟଙ୍କା ୨୦୧୬-୧୭ରେ ଆଦାୟ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଏହି ବର୍ଷ ୩୧୪.୩୫ କୋଟି ଆଦାୟ ସମ୍ଭବ ହୋଇଥିଲା। ଅନୁରୂପ ଭାବେ ୨୦୧୭-୧୮ରେ ୩୯୦.୩୦ କୋଟି ଋଣ ଆଦାୟ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ୩୭୧.୯୫ କୋଟି ଆଦାୟ ହୋଇଥିଲା। ୨୦୧୮-୧୯ରେ ଋଣ ଆଦାୟ ଲକ୍ଷ୍ୟ ୪୪୮.୦୩ କୋଟି ଥିବା ବେଳେ ଆଦାୟ ହୋଇଥିଲା ୩୮୩.୧୭ କୋଟି ଟଙ୍କା। ଏହି ବର୍ଷର ୬୬.୮୫ କୋଟି ଆଦାୟ ସମ୍ଭବ ହୋଇନି। ଏଥିରୁ ସ୍ପଷ୍ଟ ଯେ ପ୍ରତିବର୍ଷ ବକେୟା ଋଣ ଲକ୍ଷ୍ୟ ବଢି ଚାଲିଛି। ଏଠାରେ ପ୍ରଶ୍ନ ଉଠୁଛି ଯେ ବାସ୍ତବରେ ଚାଷୀ ଋଣ ସୁଝୁନାହାନ୍ତି ନା ଏହା ପଛରେ ଆଉ କିଛି ରହସ୍ୟ ରହିଛି। ଏ ସମ୍ପର୍କରେ କେତେଜଣ ଚାଷୀ କହିଛନ୍ତି, ଅଧିକାଂଶ ଚାଷୀଙ୍କ ବ୍ୟାଙ୍କ ପାସ୍‌ବୁକ୍ ସମବାୟ ସମିତି ସମ୍ପାଦକଙ୍କ ପାଖରେ ରହିଛି। ସମିତି ସମ୍ପାଦକମାନେ ଅନେକ ସମୟରେ ଚାଷୀଙ୍କ ଅଜ୍ଞାତରେ ଋଣ କରିଦେଉଛନ୍ତି। ଯେହେତୁ ସୁଧ କମ୍ ତେଣୁ ସେମାନେ ଏଭଳି କରି ଋଣ ଟଙ୍କା ବିଭିନ୍ନ କ୍ଷେତ୍ରରେ ବିନିଯୋଗ କରି ଲାଭବାନ ହେଉଛନ୍ତି। ଏ ସମ୍ପର୍କରେ ଏଆର୍‌ସିଏସ୍ ରଞ୍ଜନ କୁମାର ମିଶ୍ର କହିଛନ୍ତି ଯେ, କରେଣ୍ଟ ଋଣ ରାଶି ବଢିଚାଲିଛି। ଏହାସହ ବକେୟା ଋଣ ମିଶିବା ଫଳରେ ଧାର୍ଯ୍ୟ ଲକ୍ଷ୍ୟ ବଢିଚାଲିଛି।



ତାଲିମ ଶିବିରରେ ଉପସ୍ଥିତ ଅଧିକାରୀ ଓ କୃଷକମାନେ।

## ପର୍ଯ୍ୟାୟଭିତ୍ତିକ ଫସଲ ତାଲିମ ଶିବିର

**ବିରିଡ଼ି,୨୭।୮(ଡି.ଏନ.ଏ)**

ପୂର୍ବଭାରତରେ ସବୁଜ ବିପ୍ଳବ ସୃଷ୍ଟି କରିବା ଲକ୍ଷ୍ୟରେ କୃଷକମାନେ ଯେପରି ସେମାନଙ୍କ ବିଲରେ କେବଳ ଧାନ ଚାଷ ନ କରି ପର୍ଯ୍ୟାୟ କ୍ରମେ ବିଭିନ୍ନ ଫସଲ କରିବେ ସେ ସମ୍ପର୍କରେ କୃଷି ବିଭାଗ ପକ୍ଷରୁ ଏକ ତାଲିମ କାର୍ଯ୍ୟକ୍ରମ କରାଯାଇଛି। ସୋମବାର ଅଡଙ୍ଗଗଡ଼ ଓ ସଢେଇଶାସନ, ମଙ୍ଗଳବାର ଶଙ୍ଖାରୀସାହିଠାରେ ଏହି ପର୍ଯ୍ୟାୟ ଭିତ୍ତିକ ଫସଲ ତାଲିମ ଶିବିର କରାଯାଇଛି। କୃଷକମାନେ ଧାନ ଫସଲ ପରେ ବିଲରେ ରବି ଫସଲ କରି ଅଧିକ ସ୍ୱାବଲମ୍ବୀ ହେବା ସହ ସବୁଜ ବିପ୍ଳବ ସୃଷ୍ଟି କରିପାରିବେ ବୋଲି ଏଥିରେ କୁହାଯାଇଥିଲା। ଶିବିରରେ ଜିଲା କୃଷି ଅଧିକାରୀ ପ୍ରମୋଦ କୁମାର ମଲ୍ଲିକ, ବିରିଡ଼ି ସହକାରୀ କୃଷି ଅଧିକାରିଣୀ ମାନସୀ ମଧୁଭାସିନୀ ପଶାୟତ ଯୋଗଦେଇ ଉପସ୍ଥିତ କୃଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଜମି ଯେପରି ପଡିଆ ନ ରଖି ବିଭିନ୍ନ ଫସଲ କରିହେବ ସେଥିପାଇଁ କୃଷି ଅଧିକାରୀମାନେ ବିଭିନ୍ନ ସ୍ଥାନକୁ ଯାଇ ସଭା ଦ୍ୱାରା କୃଷକଙ୍କୁ ସଚେତନ କରାଇଥିଲେ।



ଓଡ଼ିଶା ଜୀବିକା ମିଶନ କର୍ମଶାଳାରେ ଉପସ୍ଥିତ ମହିଳା ମହାଂସଘର କର୍ମକର୍ତ୍ତା ଓ ଅନ୍ୟମାନେ।

## ଓଡ଼ିଶା ଜୀବିକା ମିଶନ କର୍ମଶାଳା

**ରାହାମା,୨୭।୮(ଡି.ଏନ୍.ଏ.)**

ଓଡ଼ିଶା ଜୀବିକା ମିଶନ ପକ୍ଷରୁ ତାଳପଡ଼ା ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ମହିଳା ମହାସଂଘ ସଭାନେତ୍ରୀ ମନୋରମା ସୂତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ କାଲିଫର୍ନିଆସ୍ଥିତ ଅନ୍ତର୍ଜାତୀୟ ଜୀବିକା ମିଶନର ପ୍ରକଳ୍ପ ଅଧିକାରିଣୀ ଜେନିନୀ ସ୍କୋଲୀ ଯୋଗଦେଇ ଗ୍ରାମାଞ୍ଚଳରେ ବସବାସ କରୁଥିବା ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ କହିଥିଲେ। ଓଡ଼ିଶା ଜୀବିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶିକା ବିରଜାଲକ୍ଷ୍ମୀ ଷଡ଼ଙ୍ଗୀ, ପ୍ରକଳ୍ପ ନିର୍ବାହୀ ସୁଧିର ରଥ, ଜିଲା ଡିଆରଡିଏ (ବିପିଏମ) ସ୍ମୃତିରେଖା ମହାନ୍ତି, ଡିଆରଡିଏ ଆକାଉଣ୍ଟାଣ୍ଟ ରାକେଶ ରୋସନ ବାରିକ, କୁଜଙ୍ଗ ବ୍ଲକ ପ୍ରୋଜେକ୍ଟ ଅଫିସର ପଙ୍କଜିନୀ ଦାସ ପ୍ରମୁଖ ଯୋଗଦେଇ ଜିବୀକା ମିଶନର କାର୍ଯ୍ୟ ସମ୍ପର୍କରେ କହିଥିଲେ। ମହିଳା ମହାସଂଘ ସମ୍ପାଦିକା ପାର୍ବତୀ ଖଟୁଆଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ସଦସ୍ୟା ଯୋଗ ଦେଇଥିଲେ। ପ୍ରତ୍ୟେକ ମହିଳା ସ୍ୱୟଂସହାୟିକା ଗୋଷ୍ଠୀରୁ ଜଣେ ଲେଖାଏଁ ସଭ୍ୟା ଚୟନ କରାଯାଇ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଶେଷରେ ଏମବିକେ ଗୀତାଞ୍ଜଳି ସେନାପତି ଧନ୍ୟବାଦ ଦେଇଥିଲେ।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା

**ବିରିଡ଼ି,୨୭।୮(ଡି.ଏନ.ଏ)**

ବିରିଡ଼ି ବ୍ଲକ ପକ୍ଷରୁ ହାଜିପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ମଙ୍ଗଳବାର କଠିନ ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା ସଭା ଅନୁଷ୍ଠିତ ହୋଇଛି। ସରପଞ୍ଚ ବିମଳ ପ୍ରସାଦ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଭାରପ୍ରାପ୍ତ ବିଡିଓ ଗିରିଜା ପ୍ରସାଦ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ପରିବାର କଠିନ ବର୍ଜ୍ୟବସ୍ତୁକୁ ଏଣେତେଣେ ନ ଫୋପାଡି ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବାକୁ ପରାମର୍ଶ ଦେଇଥିଲେ। ଅଙ୍ଗନୱାଡି କର୍ମୀ, ୱାର୍ଡ ସଭ୍ୟାସଭ୍ୟମାନେ ଏହା ଅନୁଧ୍ୟାନ କରି କେତେ ପରିମାଣର ବର୍ଜ୍ୟବସ୍ତୁ କେଉଁ ଅଞ୍ଚଳରୁ ବାହାରୁଛି ତାହାର ରିପୋର୍ଟ ପଞ୍ଚାୟତକୁ ଦେବେ। ସେହି ଅନୁଯାୟୀ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ପ୍ରକଳ୍ପ ପ୍ରସ୍ତୁତି କରିବାକୁ ବ୍ଲକ କମିଟିକୁ ଅବଗତ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ(୨) ସିଗ୍ଧା ପ୍ରିୟଦର୍ଶିନୀ, ମାଷ୍ଟର ଟ୍ରେନର ନିମାଇଁ ଚରଣ ସାସମଲ ଯୋଗଦେଇ ବର୍ଜ୍ୟବସ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ। ସିଏଲଟିଏସ ମୋଟିଭେଟର ମନୋଜ ସେଠୀ ଧନ୍ୟବାଦ ଦେଇଥିଲେ।

## ମହାବୀର ବାବାଙ୍କ ୫୯ତମ ଜୟନ୍ତୀ

**ଏରସମା,୨୭।୮(ସ୍ୱ.ପ୍ର.)**

ଏରସମା ବ୍ଲକ ନୂଆଗାଁସ୍ଥିତ ମହାବୀର ସେବାଶ୍ରମର ମୁଖ୍ୟ ପରିଚାଳକ ତଥା ବାବା ରାମକୃଷ୍ଣ ଦାସ ଓରଫ ରାଜୁ ବାବାଙ୍କ ୫୯ତମ ଜୟନ୍ତୀ ଉତ୍ସବ ସୋମବାର ଆଶ୍ରମ ପରିସରରେ ପାଳିତ ହୋଇଛି। ଜିଲା ପରିଷଦ ସଭ୍ୟ ଇତିଶ୍ରୀ ଭୂୟାଁ, ସରପଞ୍ଚ ସମ୍ପଦ ବାରିକ, ପିପିଏଲର କର୍ମକର୍ତ୍ତା ପ୍ରକାଶ ଦାଶ ପ୍ରମୁଖ ବହୁ ଶ୍ରଦ୍ଧାଳୁ ଯୋଗଦେଇ ବାବାଙ୍କୁ ଅଙ୍ଗବସ୍ତ୍ର, ଉତ୍ତରୀୟ, ପୁଷ୍ପମାଲ୍ୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

■ ସାରଳା ପୀଠରେ ସଂସ୍କାରମୂଳକ ପଦକ୍ଷେପ

## ଜିଲାପାଳଙ୍କୁ ସ୍ୱାଗତ କଲେ ବରିଷ୍ଠ ନାଗରିକ

**ଜଗତ୍‌ସିଂହପୁର ଅଫିସ,୨୭।୮**

ଜଗତ୍‌ସିଂହପୁରର ଆରାଧ୍ୟ ଦେବୀ ମା' ସାରଳାଙ୍କ ପୀଠରେ କେତେକ ସଂସ୍କାରମୂଳକ କାର୍ଯ୍ୟ ପାଇଁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିପାଇଁ ଝଙ୍କଡ଼ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ଭକ୍ତ ଜିଲାପାଳଙ୍କୁ ପ୍ରଶଂସା କରିବା ସହ ଏଭଳି କାର୍ଯ୍ୟକୁ ସ୍ୱାଗତ କରିଛନ୍ତି। ଏନେଇ ସେମାନେ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି। ସେମାନେ କହିଛନ୍ତି ଯେ, ମନ୍ଦିର ପରିସରରେ ସିସିଟିଭି କ୍ୟାମେରା ଲାଗିବା ଯାତ୍ରୀ ଓ ସେବାୟତଙ୍କ ସୁରକ୍ଷା ସାଙ୍ଗକୁ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ସହାୟକ ହୋଇଛି। ଦୀର୍ଘବର୍ଷ ଧରି ମନ୍ଦିରରେ ବଡ଼ପଣ୍ଡା ବିବାଦ ଲାଗିଥିଲା। ନିକଟରେ ଏହି ବିବାଦର ସମାଧାନ ହୋଇପାରିଥିବାରୁ ମନ୍ଦିର ପଣ୍ଡା, ରାଉଳ, ଭକ୍ତ ଓ ବୁଦ୍ଧିଜୀବୀମାନେ ସନ୍ତୋଷବ୍ୟକ୍ତ କରିଛନ୍ତି। ୨୦୧୫ରେ ମନ୍ଦିର ସମ୍ମୁଖରେ ବଳଭଦ୍ରଙ୍କ ଦାରୁ ଚିହ୍ନଟ ହୋଇଥିଲା। ସେତେବେଳେ ୭୬ଟି ଦୋକାନ ଉଚ୍ଛେଦ ହୋଇଥିଲା। ଇତିମଧ୍ୟରେ ୪ ବର୍ଷ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ସେମାନଙ୍କୁ ଘର ଯୋଗାଇବାକୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ ହୋଇନାହିଁ। ଏ ଦିଗରେ ଜିଲାପାଳ ସକାରାତ୍ମକ ନିଷ୍ପତ୍ତି ନେବାକୁ ସେମାନେ ନିବେଦନ କରିଛନ୍ତି। ପୀଠକୁ ପ୍ରତ୍ୟହ ବହୁ ଯାତ୍ରୀ ଯାଉଛନ୍ତି। ସେମାନଙ୍କ ପ୍ରତି ସେବାୟତମାନଙ୍କ ଉପଯୁକ୍ତ ଆଚରଣ ରହିବା ଉଚିତ। ଏଥିସହ ମନ୍ଦିର ଆୟ ବୃଦ୍ଧି ପ୍ରତି ଜିଲାପାଳ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ସେମାନେ ଆଶାବାଦୀ ଥିବା ଜଣାଇଛନ୍ତି। ସେହିପରି ମା' ସାରଳାଙ୍କ ସେବା, ପୂଜା, ନୀତିରେ କୌଣସି ବ୍ୟତିକ୍ରମକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି ନାରାୟଣ ପ୍ରସାଦ ରାଉଳ, ସତ୍ୟଭୂଷଣ ଦାସ, ରବି ନାରାୟଣ ସ୍ୱାଇଁ, ଚିତ୍ତରଞ୍ଜନ ମହାପାତ୍ର, ନାରାୟଣ ପ୍ରସାଦ ଜେନା, ଅଶୋକ ସାହୁ, ପ୍ରଦୀପ୍ତ ଲେଙ୍କା, ବିଶ୍ୱଭୂଷଣ ଦାସ, ରୂପେସ ଦାସ, ଚିତ୍ତରଞ୍ଜନ ବାରିକ, ପ୍ରଫୁଲ୍ଲ କୁମାର ଗୋଛାୟତ, ରମେଶ ଚନ୍ଦ୍ର ସିଂହ, ଅନନ୍ତ ଚରଣ ବେହେରା ଓ ପ୍ରତାପ ନାୟକ ପ୍ରମୁଖ। ମନ୍ଦିର ପାଣ୍ଠି ବୃଦ୍ଧି କରାଯିବା ନିମନ୍ତେ ନିଆଯାଉଥିବା ଉଦ୍ୟମ ପ୍ରଶଂସନୀୟ। ସାରଳା ମନ୍ଦିରକୁ ଓଡ଼ିଶାର ଏକ ପ୍ରମୁଖ ପୀଠରେ ପରିଚିତ କରିବା ପାଇଁ ଜିଲାପାଳ ନେଉଥିବା ପଦକ୍ଷେପକୁ ଅଞ୍ଚଳର ଲୋକେ ପୂର୍ଣ୍ଣ ସହଯୋଗ କରିବେ ବୋଲି ସେମାନେ କହିଛନ୍ତି।

## ଦେଢ଼ବର୍ଷ ହେଲା ନିର୍ମାଣ ଚାଲିଛି ଶବଦାହ ଗୃହ

**ରାହାମା,୨୭।୮(ଡି.ଏନ୍.ଏ.)**



ନିର୍ମାଣାଧୀନ ଶବଦାହ ଗୃହ।

କୁଜଙ୍ଗ ବ୍ଲକ ତାଳପଡ଼ା ପଞ୍ଚାୟତ ରାହାମା ଗ୍ରାମରେ ଆଜକୁ ଦେଢବର୍ଷ ହେଲା ଏକ ଶବଦାହ ଗୃହ ନିର୍ମାଣ ଚାଲିଥିଲେ ମଧ କାମ ଶେଷ ହୋଇପାରୁନି। ବର୍ଷେ ତଳେ ଛାତ ପକାଇବା ପାଇଁ ସେଣ୍ଟରିଙ୍ଗ କରାଯାଇଥିଲା। କିନ୍ତୁ ଅଦ୍ୟାବଧି ଛାତ ପଡିପାରିନାହିଁ। ଫଳରେ ସେଣ୍ଟରିଙ୍ଗ ଭାଙ୍ଗିରୁଜି ଗଲାଣି। ଦୀର୍ଘବର୍ଷ ଧରି ନିର୍ମାଣ ଶେଷ ହୋଇପାରୁ ନ ଥିବାରୁ ସରକାରୀ ଅନୁଦାନ ହଡ଼ପ କରାଯାଇଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଯେଉଁ ଉଦ୍ଦେଶ୍ୟରେ ଏହି ଶବଦାହ ଗୃହ ନିର୍ମାଣ ହେଉଥିଲା ତାହା ଦୀର୍ଘଦିନ ଧରି ପୂରଣ ହୋଇପାରୁନି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରେ ସେ କହିଲେ ଯେ, ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ବହୁବାର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ କୁହାଯାଇଛି। ମାତ୍ର ଏହା ସତ୍ତ୍ୱେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନି।

## ଶିକ୍ଷକ ଜୀବନ ଏକ ତପସ୍ୱୀ ଜୀବନ ସହ ସମାନ

**ତିର୍ତ୍ତୋଲ,୨୭।୮(ଡି.ଏନ.ଏ.)**

ତିର୍ତ୍ତୋଲ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଶ୍ରୀ ବିଷୟା ମହାନ୍ତି , ଶୈଳବାଳା ଖଣ୍ଡୁଆଳ ଓ ଶିକ୍ଷକ ପରିକ୍ଷୀତ ନନ୍ଦଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ଓଷ୍ଟାର ଜିଲା ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ ମୁଖ୍ୟଅତିଥି, ଓଷ୍ଟା ରାଜ୍ୟ ସମ୍ପାଦକ ବସନ୍ତ କୁମାର ଦାସ ମୁଖ୍ୟବକ୍ତା, ତିର୍ତ୍ତୋଲ ବ୍ଲକ ସଭାପତି ସାରଦା ପ୍ରସନ୍ନ ଜେନା, ସମ୍ପାଦକ ସୁଶୀଲ କୁମାର କୁଅଁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଜୀବନ ଏକ ତପସ୍ୱୀ ଜୀବନ ସହ ସମାନ ଓ ସବୁବେଳେ ଆଦର୍ଶ ଜୀବନ ବିତାଇବାକୁ ପଡିଥାଏ ସେମାନେ କହିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ କିରଣବାଳା ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ବିଦାୟୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷୟିତ୍ରୀ ପ୍ରତିମା ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ବିଜୟ ମହାନ୍ତି, ଶୁଭଦର୍ଶିନୀ ଖଟୁଆ, ନିକୁଞ୍ଜ ମହାନ୍ତି, ପ୍ରସନ୍ନ ବିଶ୍ୱାଳ, ଗୁରୁଚରଣ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଯୋଜନାରେ ଅଟକିଛି ଜଳ ନିଷ୍କାସନ ବ୍ୟବସ୍ଥା

- ଦାମଙ୍କ ସମୟରୁ ଚାଲିଛି ଆଲୋଚନା
- ହୋଇପାରୁନି ଡ୍ରେନ୍ ଓ କଲଭର୍ଟ ନିର୍ମାଣ

**କୁଜଙ୍ଗ,୨୭।୮(ସ୍ୱ.ପ୍ର.)**

କୁଜଙ୍ଗ ବଜାରରେ ଜଳ ନିଷ୍କାସନ ସମସ୍ୟା ଦୀର୍ଘବର୍ଷ ଧରି ଲାଗି ରହିଛି। ଏହାର ସମାଧାନ ପାଇଁ ନିଜେ ବିଧାୟକ ସମ୍ବିତ ରାଉତରାୟ ଓ କୁଜଙ୍ଗର ବୁଦ୍ଧିଜିବୀମାନେ ଏକାଧିକ ଥର ବୈଠକରେ ଆଲୋଚନା କରିଛନ୍ତି। ବହୁବାର ବିଭାଗୀୟ ଯନ୍ତ୍ରୀମାନେ କ୍ଷେତ୍ର ପରିଦର୍ଶନ କରି ସମସ୍ୟା ସମାଧାନ ଯୋଜନା କରିଛନ୍ତି। ଏପରି କି ପୂର୍ବରୁ ଡା. ଦାମୋଦର ରାଉତ ବିଧାୟକ ଥିବାବେଳେ ଏନେଇ ଉଦ୍ୟମ କରିଥିଲେ। କିନ୍ତୁ ଏସବୁ ସତ୍ତ୍ୱେ ଜଳ ନିଷ୍କାସନ ସମସ୍ୟା ସମାଧାନ ହୋଇପାରିନାହିଁ। ଫଳରେ ସ୍ୱଳ୍ପ ବର୍ଷାରେ ମଧ କୁଜଙ୍ଗ ବଜାର ଜଳାର୍ଣ୍ଣବ ହୋଇଯାଉଛି। ଜଗତ୍‌ସିଂହପୁର ଜିଲାରେ କୁଜଙ୍ଗ ବ୍ଲକର ଉଭୟ ବ୍ୟବସାୟିକ ଓ ପ୍ରଶାସନିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱ ରହିଛି। ବ୍ଲକ, ତହସିଲ, ଥାନା ଓ ବିଭିନ୍ନ କୋର୍ଟଠାରୁ ଆରମ୍ଭ କରି ବହୁ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଏଠାରେ ରହିଛି। ଏଥିସହ ଏକ ବୃହତ ପରିବା ହାଟ ମଧ ଅଛି। ଏସବୁ ସତ୍ତ୍ୱେ ପାରାଦୀପ ବନ୍ଦରର ମୁଖଶାଳା କୁହାଯାଉଥିବା କୁଜଙ୍ଗରେ ଜଳ ନିଷ୍କାସନ ବ୍ୟବସ୍ଥା ଶୋଚନୀୟ ହୋଇପଡିଛି। ଏଠାରୁ ଜଳ ନିଷ୍କାସନ ପାଇଁ କଟକ-ପାରାଦୀପ ରାଜ୍ୟ ରାଜପଥରେ ଥିବା ୨ଟି କଲ୍‌ଭର୍ଟକୁ ରାସ୍ତା ନବୀକରଣ ବେଳେ ପୋତିଦିଆଯାଇଛି।

ବଜାର ମଧ୍ୟରେ ଥିବା ଡ୍ରେନ୍ ମଧ ପୋତିହୋଇଗଲାଣି। ଫଳରେ ବର୍ଷାଦିନେ କୁଜଙ୍ଗ ମେଡ଼ିକାଲ ରୋଡ଼, ପରିବା ମାର୍କେଟ, ମାରୁଆଡ଼ି ପଟି ରାସ୍ତା, ହନୁମାନ ରୋଡ଼, କୁଜଙ୍ଗ ଥାନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ ପାଣିରେ ଉବୁଟୁବୁ ହେଉଛି। ଏହାର ସମାଧାନ ପାଇଁ ଯୋଜନା ହୋଇଥିଲା। କୁଜଙ୍ଗ ବଜାରର ସମସ୍ତ ଉଦବୃତ୍ତ ଜଳ ବିବି ହାଇସ୍କୁଲ ନିକଟରେ ଥିବା ପୋଖରୀରେ ସଂରକ୍ଷିତ ରଖିବାକୁ କୁହାଯାଇଥିଲା। ସେଠାରୁ ହାଇସ୍କୁଲ ପାଚେରି ଦେଇ ଡ୍ରେନ୍ ନିର୍ମାଣ କରାଯିବ ଓ କୁଜଙ୍ଗ ବାଲିତୁଠ ରାସ୍ତାରେ ଏକ କଲଭର୍ଟ କରି ବଡ଼ଙ୍ଗ ନଦୀରେ ପାଣି ଛଡ଼ାଯିବାକୁ ଯୋଜନା ହୋଇଥିଲା। କିନ୍ତୁ ଏହା କାର୍ଯ୍ୟକାରୀ ହୋଇପାରିନି। ଏ ସମ୍ପର୍କରେ କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା କହିଛନ୍ତି ଯେ, ଯୋଜନା ଚୂଡ଼ାନ୍ତ ଅବସ୍ଥାରେ ପହଞ୍ଚିଛି। ଆଗାମୀ ଦିନରେ କାର୍ଯ୍ୟକାରୀ ହେବ।



କୁଜଙ୍ଗ ବଜାରରେ ବର୍ଷା ପାଣି ଜମି ରହିଛି।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୮/୨୦୧୯ Bhubaneswar, Wednesday, August 28/2019

## ସଂକ୍ଷେପରେ

### ଅଧ୍ୟାପକ ବିଶ୍ୱଜିତ ରାୟଙ୍କ ବଦଳି ଅସିଦ୍ଧ

ବାଲିଆ,୨୭।୮: ଅଳକା ମହାବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ପ୍ରାଧ୍ୟାପକ ବିଶ୍ୱଜିତ ରାୟଙ୍କୁ ଗତ ଜୁଲାଇ ୫ ତାରିଖରେ କଲେଜ ଅଧକ୍ଷ ବନମାଳି ବେହେରା କାର୍ଯ୍ୟରୁ ରିଲିଭ୍ କରିଦେଇଥିଲେ। ଏହାକୁ ବେଆଇନ ଦର୍ଶାଇ ଅଧ୍ୟାପକ ରାୟ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଏକ କେସ ଡବ୍ଲ୍ୟୁପି(ସି) ନଂ-୧୧୮୬୫/୨୦୧୯ ରୁଜୁ ହୋଇଥିଲା। ଏହାର ବିଚାର କରି ଅଦାଲତ ଉକ୍ତ ବଦଳିକୁ ଅସିଦ୍ଧ ଘୋଷଣା କରିଛନ୍ତି। ଏଥିସହ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବଙ୍କ ନିର୍ଦ୍ଦେଶରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ତାଙ୍କ ଚିଠି ନଂ ୩୩୪୦/୨୬୮, ୨୦୧୯ରେ ରାୟ ପୁନର୍ବାର ଅଳକା ମହାବିଦ୍ୟାଳୟରେ ଯୋଗଦେବାକୁ ଅଧକ୍ଷ ବନମାଳି ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ, ରାୟ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି।

### ବିଦ୍ୟାଳୟରୁ କମିଶନ ନେବାକୁ ମସୁଧା, ଜିଲାପାଳଙ୍କୁ ଅଭିଯୋଗ

**କୁଜଙ୍ଗ,୨୭।୮(ସ୍ୱ.ପ୍ର.):** ସରକାରଙ୍କ ପକ୍ଷରୁ ଦିଆଯାଉଥିବା ପୁସ୍ତକ ବାବଦରେ ବିଦ୍ୟାଳୟଗୁଡିକରୁ ସର୍ବଶିକ୍ଷା ଅଭିଯାନ ଜଗତ୍‌ସିଂହପୁର ଜିଲା କର୍ତ୍ତୃପକ୍ଷ କମିଶନ ନେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏନେଇ ସୂଚନା ଅଧିକାର ଅଭିଯାନ ଜଗତ୍‌ସିଂହପୁର ଜିଲା କମିଟି ଆବାହକ ବାବୁରାମ ଚୌଧୁରୀ ସୋମବାର ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟର ପାଠାଗାର ନିମନ୍ତେ ପୁସ୍ତକ କ୍ରୟ ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାୟ ୬୦ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ତେବେ ଏହି ପୁସ୍ତକ କିଣିବା ପାଇଁ ଜିଲା ପ୍ରକଳ୍ପ ସଂଯୋଜକ, ବିଆରସିସି, ସିଆରସିସିମାନେ କେତେକ ନିର୍ଦ୍ଦିଷ୍ଟ ପ୍ରକାଶନ ସଂସ୍ଥା ନିକଟରୁ ବହି କିଣି ଗଚ୍ଛିତ ରଖିଛନ୍ତି। ବ୍ୟାଙ୍କରୁ ହାଇସ୍କୁଲ ପାଇଁ ୬୯୮୦ ଟଙ୍କା, ୬ଷ୍ଠରୁ ୮ମ ଶ୍ରେଣୀ ଥିବା ବିଦ୍ୟାଳୟ ପାଇଁ ୪୯୮୦ ଟଙ୍କା, ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବିଦ୍ୟାଳୟ ପାଇଁ ୨୯୮୦ ଟଙ୍କା, ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବିଦ୍ୟାଳୟ ପାଇଁ ୯,୯୮୦ ଟଙ୍କା, ୬ଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବିଦ୍ୟାଳୟ ପାଇଁ ୧୧,୮୯୦ ଟଙ୍କା ଉଠାଇ କିମ୍ବା ଚେକ ଜରିଆରେ ପୁସ୍ତକ କ୍ରୟ କରିବାକୁ ସେମାନେ ଶିକ୍ଷକଙ୍କୁ ପ୍ରବର୍ତ୍ତାଉଥିବା ଅଭିଯୋଗ ହୋଇଛି। ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସେମାନଙ୍କ ପସନ୍ଦ ମୁତାବକ ପୁସ୍ତକ କ୍ରୟ କରିବାର ସୁଯୋଗ ନ ଦେଇ ନିର୍ଦ୍ଦିଷ୍ଟ ପ୍ରକାଶନ ସଂସ୍ଥାର ପୁସ୍ତକ ନେବାକୁ ଚାପ ପ୍ରୟୋଗ କରାଯାଉଛି। ଏ ସମ୍ପର୍କରେ କୁଜଙ୍ଗ ବିଆରସିସି ମନୋଜ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଲେ ଯେ, ଏହା ଡିପିସି ଓ ଜିଲାପାଳଙ୍କସ୍ତରରେ କାର୍ଯ୍ୟକାରୀ ହେଉଛି। ଯେପରି ଖେଳ ସରଞ୍ଜାମ, ପୋଷାକ ଆଦି ଯୋଗାଣ ପାଇଁ ବିଭିନ୍ନ ସଂସ୍ଥା ଉଦ୍ୟମ କରୁଛନ୍ତି, ସେମିତି କିଛି ସଂସ୍ଥା ବହି ପାଇଁ ଏପରି କରୁଥାଇପାରନ୍ତି। ବିଆରସିସି କିମ୍ବା ସିଆରସିସିଙ୍କ ଏଥିରେ କୌଣସି ଭୂମିକା ନ ଥିବା ସେ କହିଛନ୍ତି।

### ଯୁବତୀଙ୍କୁ ବଳାତ୍କାର: ଅଭିଯୁକ୍ତ କୋର୍ଟଚାଲାଣ

ବଡ଼ମ୍ବା,୨୭।୮(ଡି.ଏନ.ଏ.): ବଡ଼ମ୍ବା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ସୋମବାର ବଳାତ୍କାର କରାଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ନଂ-୧୬୬/୧୯ରୁଜୁ କରି ତଦନ୍ତ ଚଳାଇଥିଲା। ମଙ୍ଗଳବାର ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଡ଼ମ୍ବା ଉପକାରାଗାରାକୁ ପଠାଇ ଦିଆଯାଇଛି। ସମ୍ପୃକ୍ତ ଯୁବକ ହେଲେ ଥାନା ଅଧୀନ ଯୋଡୁମ ଗ୍ରାମର ଗାନ୍ଧୀ ସ୍ୱାଇଁ (୨୨)। ସେ ସମ୍ପୃକ୍ତ ଯୁବତୀଙ୍କୁ ବଳାତ୍କାର କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

■ ପୌର ପାଳିକାର ସ୍ୱଚ୍ଛସାଥୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ

# ୩୬ ପଦବୀ, ୧୯୫ ଆବେଦନକାରୀ

ପାରାଦୀପ,୨୭।୮(ସ୍ୱ.ପ୍ର.)


ଆବେଦନକାରୀମାନେ ସାକ୍ଷାତକାର ଦେଉଛନ୍ତି।

ରାଜ୍ୟର ସମସ୍ତ ପୌରାଞ୍ଚଳ ଓ ବିଜ୍ଞାପିତ ଅଞ୍ଚଳରେ ଏବେ ସରକାର ସ୍ୱଚ୍ଛ ସାଥୀ ଓ ୱାର୍ଡ ଅଫିସର ପଦ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି କ୍ରମରେ ପାରାଦୀପ ପୌରାଞ୍ଚଳ ପାଇଁ ମଙ୍ଗଳବାର ସ୍ୱଚ୍ଛ ସାଥୀ ପଦବୀ ନିମନ୍ତେ ସାକ୍ଷାତକାର ଆରମ୍ଭ ହୋଇଛି। ପୂର୍ବ ପ୍ରକାଶିତ ବିଜ୍ଞପ୍ତି ଆଧାରରେ ୧୯୫ ଜଣ ମହିଳା ଓ ଯୁବତୀ ଏହି ପଦବୀ ପାଇଁ ଆବେଦନ କରିଛନ୍ତି। ଏଥିରୁ ୧୯ ୱାର୍ଡ ପାଇଁ ୨୯ ଜଣ ସ୍ୱଚ୍ଛସାଥୀ ଓ ୭ ସୁପରଭାଇଜର ନିଯୁକ୍ତି ପାଇବେ। ଏହି ନିଯୁକ୍ତି ପ୍ରକ୍ରିୟା ପାଇଁ ପୌର କାର୍ଯ୍ୟାଳୟରେ ବେଶ୍ ଭିଡ଼ ଦେଖିବାକୁ ମିଳିଥିଲା। ବିଜ୍ଞପ୍ତିରେ ଦର୍ଶାଯାଇଥିଲା ଯେ, ପୌରାଞ୍ଚଳରେ ରହୁଥିବା ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନେ ଏଥିରେ ଭାଗ ନେଇପାରିବେ। କିନ୍ତୁ ସାକ୍ଷାତକାର ଦେବାକୁ ମହିଳାଙ୍କ ଅପେକ୍ଷା ଅଧିକ ସଂଖ୍ୟାରେ ଯୁବତୀ ଆସିଥିଲେ। ସେମାନଙ୍କ ଯୋଗ୍ୟତା ଯୁକ୍ତ ୨ ଓ ଯୁକ୍ତ ୩ ଥିଲେ ହେଁ ପଞ୍ଜିକୃତ ଏସ୍ଏଚ୍‌ଜିରେ ସେମାନେ ସାମିଲ ହୋଇଥିବା କାଗଜପତ୍ରରେ ଜଣାଇଛନ୍ତି, ଯାହାକି ବିଚାରକଙ୍କୁ ଅଡୁଆରେ ପକାଇଛି। ଯେଉଁ ଏସ୍ଏଚ୍‌ଜି ନାମ ସେମାନେ ଦର୍ଶାଇଛନ୍ତି, ସେମାନଙ୍କ ନାମ ପୌର ପାଳିକାରେ ଥିବା ଏସ୍ଏଚଜି ସଦସ୍ୟାଙ୍କ ତାଲିକାରେ ଅଛି କି ନାହିଁ ତାହା ଯାଞ୍ଚ କରିବାକୁ ପଡୁଛି। କେତେକ ଆଶାୟୀ ପୁରୁଣା ଏସ୍ଏଚ୍‌ଜିରେ ଚଳିତ ଅଗଷ୍ଟ ମାସରେ ନାମ ଯୋଡ଼ିଥିବା ରେକର୍ଡରୁ ଜଣାଯାଇଛି। ଏବେ ଏହି ନିଯୁକ୍ତି ସମ୍ପର୍କିତ କାଗଜପତ୍ରକୁ ୩ ଜଣିଆ କମିଟି ଯାଞ୍ଚ କରୁଛନ୍ତି। ସେମାନେ ହେଲେ ଡିଆରଡିଏ ଅଧିକାରୀ, ଜୁଡା ଅଧିକାରୀ ଓ ସିଡିପିଓ। ଜଣେ ପ୍ରାର୍ଥୀଙ୍କ ପାଇଁ ଯାଞ୍ଚ ପ୍ରକ୍ରିୟା ଓ ପ୍ରଶ୍ନୋତ୍ତର ସମୟ ସାପେକ୍ଷ ଥିବାରୁ ମଙ୍ଗଳବାର ସାକ୍ଷାତକାର ଶେଷ ହୋଇନାହିଁ। ଆଉ ଦିନେ କିମ୍ବା ଦୁଇଦିନ ହେବ ବୋଲି କୁହାଯାଇଛି। ଏଥିରୁ ଯୋଗ୍ୟ ପ୍ରାର୍ଥିନୀଙ୍କୁ ଆସନ୍ତା ୩୦ ତାରିଖ ସୁଦ୍ଧା ଚୟନ କରାଯିବ। ସୂଚନାଯୋଗ୍ୟ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଅଧୀନରେ ଏହି ସ୍ୱଚ୍ଛସାଥୀମାନେ ପ୍ରତି ୱାର୍ଡରେ ଆବର୍ଜନା ପରିଚାଳନା କରିବେ। କିପରି ଶୁଖିଲା ଆବର୍ଜନାକୁ ଅଲଗା କରି କବାଡିଆଙ୍କୁ ବିକ୍ରି କରାଯିବ ଓ ଓଦା ଆବର୍ଜନାକୁ ଖତ କରାଯିବ ସେହି କାମ ସ୍ୱଚ୍ଛସାଥୀ କରିବେ। ଏଥିପାଇଁ ସର୍ବନିମ୍ନ ଯୋଗ୍ୟତା ଯୁକ୍ତ ୨ ପାଶ୍ ରଖାଯାଇଛି। ଆଶାୟୀ ସେହି ୱାର୍ଡର ବାସିନ୍ଦା ପ୍ରମାଣପତ୍ର ଓ ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା ହୋଇଥିବା ଅପରିହାର୍ଯ୍ୟ। ଏବେ ଯୁବତୀମାନେ ଏହି ସାକ୍ଷାତକାରରେ ଅଂଶଗ୍ରହଣ କରିବାକୁ ନେଇ କେତେଜଣ ଏସ୍ଏଚ୍‌ଜି ମହିଳା ଆପତ୍ତି ଉଠାଇଛନ୍ତି। ଏହି ସାକ୍ଷାତକାର ଶେଷ ପରେ ପ୍ରସଙ୍ଗକୁ ନେଇ ବିବାଦ ସୃଷ୍ଟି ହୋଇପାରେ ବୋଲି ଆଭାସ ମିଳୁଛି।

# ଜିଲାପାଳଙ୍କୁ ଭେଟିଲା ବରିଷ୍ଠ ନାଗରିକ ମଞ୍ଚ

କୁଜଙ୍ଗ,୨୭।୮(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ମଙ୍ଗଳବାର କୁଜଙ୍ଗ ବ୍ଲକ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଏହି ଅବସରରେ କୁଜଙ୍ଗ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବୀରେନ୍ଦ୍ର ବିଶ୍ୱାଳ, ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ, ମଞ୍ଚର ରାଜ୍ୟ ସଙ୍ଗଠନ ସମ୍ପାଦକ ବାବୁରାମ ଚୌଧୁରୀ, ଦେବୀପ୍ରସାଦ ପଟ୍ଟନାୟକ, ଏମ୍‌ପିଙ୍କ କୁଜଙ୍ଗ ବ୍ଲକ ପ୍ରତିନିଧି ସୁଢଳ କୁମାର ସ୍ୱାଇଁ, ଦ୍ୱୀଜବର ବେହେରା ପ୍ରମୁଖ ଜିଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ବିଭିନ୍ନ ଦାବି ଜଣାଇଥିଲେ। ପରେ କୁଜଙ୍ଗ ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ପୂର୍ବତନ ସଭାପତି ଏ.ଏନ୍.ଡି. ଯାଦବ, ବରିଷ୍ଠ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ, ନୃସିଂହ ପ୍ରଧାନ, କୈଳାସ ମହାପାତ୍ର, ଭାରତ ଭୂଷଣ ଦାସ, ଅମୃତ ଦାସ, ସୁଶାନ୍ତ ପଟ୍ଟନାୟକ, ପପୁ ମହାନ୍ତିଙ୍କ ସମେତ ବହୁ ଆଇନଜୀବୀ ଜିଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ।




### ରେଳ ଧାରଣାରୁ ମିଳିଲା ଯୁବକଙ୍କ ମୁଣ୍ଡବିହୀନ ମୃତଦେହ

**ଏଟିଏମ୍ ଓ ଆଧାର କାର୍ଡରୁ ମିଳିଲା ପରିଚୟ**

ଚଣ୍ଡିଖୋଲ(ଡି.ଏନ୍.ଏ)/ବାଲିଚନ୍ଦ୍ରପୁର (ସ୍ୱ.ପ୍ର.),୨୭।୮

ଗଞ୍ଜାମ ଜିଲା ବ୍ରହ୍ମପୁର ନିକଟସ୍ଥ ଗୋଳନ୍ଥରା ରେଳଧାରଣା ପାର୍ଶ୍ୱରୁ ମଙ୍ଗଳବାର ଜଣେ ଯୁବକଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ପକେଟରୁ ମିଳିଥିବା ଏଟିଏମ୍ ଓ ଆଧାର କାର୍ଡରୁ ସେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଳାଶ୍ରୀ ଗ୍ରାମର ସୂର୍ଯ୍ୟମଣୀ ସାହୁଙ୍କ ପୁଅ ହରିହର ସାହୁ (୨୮) ବୋଲି ଜଣାପଡ଼ିଛି। ଏହି ଖବର ଜଣାପଡ଼ିବା ପରେ ହରିହରଙ୍କ ଗ୍ରାମରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ସୂଚନା ଥାଉକି ହରିହର ସୋମବାର ଅପରାହ୍ନ ୫ଟା ବେଳେ ଘରୁ କେଉଁଆଡ଼େ ପଳାଇ ଯାଇଥିଲେ। ପରିବାର ଲୋକ ବହୁ ଖୋଜାଖୋଜି ପରେ ନ ପାଇବାରୁ ଶେଷରେ ରାତିରେ ବାଲିଚନ୍ଦ୍ରପୁର ଥାନାରେ ନିଖୋଜ ସମ୍ପର୍କିତ ଏକ ଏତଲା ଦେଇଥିଲେ। ମଙ୍ଗଳବାର ସକାଳେ ମୁଣ୍ଡବିହୀନ ଶରୀର ରେଳ ଧାରଣାରେ ପଡ଼ିଥିବାନେଇ ଖବର ପାଇବା ପରେ ଜିଆର୍‌ପି ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଏଥିସହ ପକେଟରେ ଥିବା ଏଟିଏମ୍ କାର୍ଡ, ଆଧାର କାର୍ଡ ଏବଂ କଟକରୁ ବ୍ରହ୍ମପୁର ପର୍ଯ୍ୟନ୍ତ ରେଳ ଟିକେଟ୍ ଜବତ କରିଥିଲା। ଏଟିଏମ୍ ଓ ଆଧାର କାର୍ଡରେ ହରିହରଙ୍କ ନାମ ଲେଖାଯାଇଥିବାରୁ ପୋଲିସ ତାଙ୍କ ପରିବାର ସହ ଯୋଗାଯୋଗ କରିଥିଲା। ପରେ ପରିବାର ଲୋକ ଘଟଣାସ୍ଥଳକୁ ଯାଇ ମୃତଦେହ ଚିହ୍ନଟ କରିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯାହା ଦ୍ରୁତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ। - ଫ୍ରାଙ୍କଲିନ



## ସଂକ୍ଷେପରେ

### ପଞ୍ଚାୟତ ଗୃହ ନିର୍ମାଣ ପାଇଁ ଉପଜିଲାପାଳଙ୍କ ଦ୍ୱାରସ୍ଥ

**ନୟାଗଡ଼ ଅଫିସ,୨୭।୮:** ଦଶପଲ୍ଲା ବ୍ଲକ ଟାକେରା ପଞ୍ଚାୟତର ସ୍ଥାୟୀ ଗୃହ ପାଇଁ ଜାଗା ଚିହ୍ନଟ କରିବା ଲାଗି ମଙ୍ଗଳବାର ପଞ୍ଚାୟତବାସୀ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ ରଥିପୁର ମୌଜାରେ ଥିବା ଖାତା ନମ୍ବର ୮୬ ଓ ପ୍ଲଟ ନମ୍ବର ୭୯୮ରେ ପଞ୍ଚାୟତର ସ୍ଥାୟୀ ଗୃହ ନିର୍ମାଣ ପାଇଁ କେତେଜଣ ବ୍ୟକ୍ତି ଉଦ୍ୟମ କରୁଛନ୍ତି। ଉକ୍ତ ଜାଗାରେ ଠାକୁରାଣୀଙ୍କ ପୀଠସ୍ଥଳୀ ଥିବା ବେଳେ ସେଠାକୁ ଯିବା ପାଇଁ କୌଣସି ପଟେ ରାସ୍ତା ନାହିଁ। ଏପରି ସ୍ଥାନକୁ ପଞ୍ଚାୟତ ଘର ଲାଗି ପ୍ରଶାସନ ଚିହ୍ନଟ କରିବା ଘଟଣାକୁ ପଞ୍ଚାୟତବାସୀ ବିରୋଧ କରିଛନ୍ତି। ଏ ନେଇ ସେମାନେ ନେଳିଗୁଡ଼ା ଆରଆଇଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ତେଣୁ ବାଧ ହୋଇ ଉପଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଝିଣ୍ଟିକାବାରୀ ମୌଜାରେ ଥିବା ଖାତା ନମ୍ବର ୨ ଓ ପ୍ଲଟ ନମ୍ବର ୨୬ରେ ଏହି ଗୃହ ନିମାଣ ପାଇଁ ସେମାନେ ସୁପାରିଶ କରିଛନ୍ତି। ଉକ୍ତ ଜାଗାକୁ ଚିହ୍ନଟ ନ କରି ପୂର୍ବ ସ୍ଥାନରେ ଗୃହ କାର୍ଯ୍ୟ କରାଗଲେ ସେମାନେ ଏହାକୁ ବିରୋଧ କରିବେ ବୋଲି ପ୍ରକାଶ କରିଛନ୍ତି। ପଦ୍ମନାଭ କହଁର, ଜଗବନ୍ଧୁ ଆଚାର୍ଯ୍ୟ, ଫକିର ଚରଣ ଷଡ଼ଙ୍ଗୀ ପ୍ରମୁଖ ଉପଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିଲେ।

### ନାଗସାପ ଉଦ୍ଧାର



**ଖଣ୍ଡପଡା,୨୭।୮(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ସୋମବାର ଏକ ନାଗସାପ ଉଦ୍ଧାର କରାଯାଇଛି। ୪ଫୁଟ ଲମ୍ବର ଉକ୍ତ ନାଗସାପକୁ ସ୍ଥାନୀୟ ଅଞ୍ଚଳର ସ୍ନେକ ହେଲପଲାଇନ ସଦସ୍ୟ କହ୍ନେଇ ସାହୁ ଉଦ୍ଧାର କରିବା ପରେ ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଛନ୍ତି।

### ଦେଶୀ ମଦ ଜବତ, ଜଣେ ଗିରଫ

**ଦଶପଲ୍ଲା,୨୭।୮ (ଡି.ଏନ.ଏ.):** ଦଶପଲ୍ଲା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଚଢାଉ କରାଯାଇ ୪ଲିଟର ଦେଶୀ ମଦ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ହେଲେ ନଛିପୁର ପଞ୍ଚାୟତ ବିଡାପାଜୁ ଗ୍ରାମର ଅଚ୍ୟୁତ ଜାନି (୩୮)। ଅପରାହ୍ନ ପ୍ରାୟ ୫ଟା ସମୟରେ ଅଚ୍ୟୁତ ମଦ ଧରି ଆସୁଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଅବକାରୀ ଅଧିକାରୀ ସତ୍ୟନାରାୟଣ ଦାଶଙ୍କ ନେତୃତ୍ୱରେ ଶରତ ଚନ୍ଦ୍ର ପରିଡା, ପ୍ରକାଶ ଚନ୍ଦ୍ର ମଲ୍ଲିକ ଓ ଲକ୍ଷ୍ମୀଧର ବେହେରା ଚଢାଉରେ ସାମିଲ ହୋଇଥିଲେ।

■ ଖେଡ଼ପଡ଼ା ବନମାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ପୁରୁଣା ମାଟିକାନ୍ଥ ଉପରେ ସିମେଣ୍ଟ ଛାତ



ବିଦ୍ୟାଳୟର ପୁରୁଣା କାନ୍ଥ।



ପୁରୁଣା ମାଟି କାନ୍ଥ ଉପରେ ନୂଆ ଛାତ ପକାଯାଇଛି।

■ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟାଳୟ ଗୃହ

■ଗଣଶିକ୍ଷା ବିଭାଗ, ଜିଲାପାଳଙ୍କଠାରେ ଅଭିଯୋଗ

**ନୟାଗଡ଼ ଅଫିସ,୨୭।୮**

୨୦୧୨ ଜୁଲାଇ ୯ ତାରିଖରେ ରଣପୁର ବ୍ଲକ ସୁଆଁସିଆସାହି ଅଙ୍ଗନୱାଡ଼ି କେନ୍ଦ୍ରରେ କାନ୍ଥ ଭୁଶୁଡ଼ି ୭ କୋମଳମତି ଶିଶୁଙ୍କ ଜୀବନ ଚାଲିଯାଇଥିଲା। ଏଭଳି ଏକ ଘଟଣାର ପୁନରାବୃତ୍ତି ଘଟିବା ଆଶଙ୍କା କରୁଛନ୍ତି ନୟାଗଡ଼ ବ୍ଲକ ବାଲୁଗାଁ ପଞ୍ଚାୟତର କେତେଜଣ ଅଭିଭାବକ। ଏଠାକାର ଏକ ବିଦ୍ୟାଳୟର ନିର୍ମାଣଶୈଳୀକୁ ଦେଖି ସେମାନେ ଏଭଳି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବିଦ୍ୟାଳୟରେ ବହୁବର୍ଷ ଧରି ଥିବା ପୁରୁଣା ମାଟିକାନ୍ଥ ଉପରେ ବର୍ତ୍ତମାନ ନୂତନ ଛାତ ପକାଯାଇଛି। ଏପରି କି ଉକ୍ତ କାନ୍ଥରେ କୌଣସି ପିଲାର ମଧ ନାହିଁ। ଫଳରେ କୌଣସି ସମୟରେ ଅଘଟଣ ଘଟିପାରେ। ବିଦ୍ୟାଳୟର ଏଭଳି ଅବ୍ୟବସ୍ଥା ନେଇ ଉକ୍ତ ପଞ୍ଚାୟତ ଖେଡ଼ପଡ଼ା ଗ୍ରାମର ଶ୍ୟାମସୁନ୍ଦର ଜେନା ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ନୟାଗଡ଼ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ବାଲୁଗାଁ ପଞ୍ଚାୟତରେ ୧୯୮୮ ମସିହାରୁ ବନମାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (ଆଡ଼େଡ୍) ଚାଲିଆସୁଛି। ବର୍ତ୍ତମାନ ଉକ୍ତ ବିଦ୍ୟାଳୟରେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ୪୫ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ପୂର୍ବରୁ ଦୁଇଟି ଟିଣ ଘରେ ବିଦ୍ୟାଳୟ ଚାଲୁଥିଲା। କିଛିବର୍ଷ ତଳେ ଦେଢ଼ଲକ୍ଷ ଟଙ୍କା ଅନୁଦାନ ଆସିବାରୁ ଉକ୍ତ ଦୁଇଟି ଘରର ଟିଣ କଢ଼ାଯାଇ ଉପରେ ଛାତ ପକାଯାଉଛି। ତଳେ କୌଣସି ପିଲାର ନ ଥିବାବେଳେ କେତେଦିନ ଛାତ ଏହିଭଳି ଭାବେ ରହିବ ବୋଲି ଶ୍ୟାମସୁନ୍ଦର ପ୍ରଶ୍ନ କରିଛନ୍ତି। ମାଟିକାନ୍ଥ ଉପରେ ଛାତ ପଡିଥିବାରୁ ଏହା ଅସୁରକ୍ଷିତ ହୋଇପଡିଛି। ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ବିଦ୍ୟାଳୟରେ କୌଣସି ସମୟରେ ଅଘଟଣକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ଠିକ୍ ଭାବରେ ଏହି କାର୍ଯ୍ୟ କରିବାକୁ ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପଟେ ବିଦ୍ୟାଳୟରେ ପାଚେରି ନିର୍ମାଣ କାର୍ଯ୍ୟ ଶ୍ରମିକଙ୍କ ବଦଳରେ ଜେସିବି ସାହାଯ୍ୟରେ କରାଯାଇଥିବା ଶ୍ୟାମସୁନ୍ଦର ଅଭିଯୋଗ କରିଛନ୍ତି। ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରାଣକୃଷ୍ଣ ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, କିଛି ଟଙ୍କା ଆସିଥିବାରୁ ଉକ୍ତ କାନ୍ଥ ଉପରେ ସିମେଣ୍ଟ ଛାତ ପକାଯାଇଛି। କିଛିବର୍ଷ ଉକ୍ତ ଘରେ ପାଠପଢ଼ା କାର୍ଯ୍ୟ ହେବ। ଯଦି ପରେ ଟଙ୍କା ଆସିବ ବିଦ୍ୟାଳୟର ଅନ୍ୟ ସ୍ଥାନରେ ଶ୍ରେଣୀଗୃହ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ସ୍ୱାମୀଙ୍କୁ ଅପହରଣ ନେଇ ସ୍ତ୍ରୀ ଜିଲାପାଳଙ୍କ ଦ୍ୱାରସ୍ଥ

**ନୟାଗଡ଼ ଅଫିସ,୨୭।୮**

୫ମାସ ତଳେ ତାଙ୍କ ସ୍ୱାମୀଙ୍କୁ କେହି ଅପହରଣ କରି ନେଇଥିବା ନେଇ ମଙ୍ଗଳବାର ଜଣେ ମହିଳା ପରିବାର ସହ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ନୟାଗଡ଼ ବ୍ଲକ ସଦର ଥାନା ଅଞ୍ଚଳର ଯୁବତୀ ଭୁବନେଶ୍ୱରରେ ରହି ପାଠ ପଢୁଥିବା ସମୟରେ ନୟାଗଡ଼ ସଦର ଥାନା ଅଧୀନ ଏକ ଗ୍ରାମର ଜଣେ ଯୁବକଙ୍କ ସହ ସାକ୍ଷାତ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ହୋଇ ବର୍ଷେ ତଳେ ସେମାନେ ଭୁବନେଶ୍ୱରର ତମାଣ୍ଡୋ ନିକଟ ଏକ ମନ୍ଦିରରେ ବିବାହ କରିଥିଲେ। ପୁଅ ଝିଅ ଅଲଗା ଜାତିର ହୋଇଥିବାରୁ ପୁଅ ଘର ଲୋକେ ଏହାକୁ ବିରୋଧ କରିଥିଲେ। ଫଳରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଭୁବନେଶ୍ୱରରେ ରହିଆସୁଥିଲେ। ୫ମାସ ତଳେ ଉଭୟ ଏକ କାମରେ ରଣପୁର ଆସିଥିବା ବେଳେ ପିମ୍ପଲ ଛକଠାରେ ଯୁବକଙ୍କୁ କେତେଜଣ ଅପହରଣ କରିନେଇଥିଲେ। ଯୁବତୀ ଜଣକ ଏ ନେଇ ରଣପୁର ଥାନାରେ ଅଭିଯୋଗ କରିଥିଲେ। ହେଲେ ସେଠାରେ ତାଙ୍କ ଅଭିଯୋଗ କେହି ଶୁଣି ନ ଥିଲେ। ପରେ ସେ ସଦର ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ ମଧ ପୋଲିସ ଏ ଦିଗରେ କିଛି କରି ନ ଥିଲା। ଯୁବତୀ ତାଙ୍କ ସ୍ୱାମୀଙ୍କ ଘରକୁ ଗଲାବେଳେ ତାଙ୍କ ପରିବାର ଲୋକେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରୁଛନ୍ତି। ତେଣୁ ସେ ନ୍ୟାୟ ପାଇଁ ମଙ୍ଗଳବାର ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିଲେ। ଜିଲାପାଳ ଡ. ପୋମା ଟୁଡୁ ଏ ନେଇ ଏସ୍‌ପିଙ୍କୁ ଭେଟିବାକୁ କହିଥିବା ଯୁବତୀ ଜଣକ ପ୍ରକାଶ କରିଛନ୍ତି।

## ଛାତରୁ ଖସିପଡ଼ି ବ୍ୟବସାୟୀ ଗୁରୁତର

**ଭାପୁର,୨୭।୮ (ଡି.ଏନ୍.ଏ.)**

ଭାପୁର ବଜାରର ଜଣେ ବ୍ୟବସାୟୀ ମଙ୍ଗଳବାର ଛାତରୁ ଖସିପଡି ଗୁରୁତର ହୋଇଛନ୍ତି। ସେ ହେଲେ ସୁବାସ ଚନ୍ଦ୍ର ସାହୁ (୬୦)। ଭାପୁର ଗଣେଶ ବଜାରରେ ସୁବାସ ଭଗବତୀ ଜୁଏଲେରୀ ନାମରେ ସୁନା ଦୋକାନ କରିଛନ୍ତି। ସନ୍ଧ୍ୟାରେ ସେ ଦୋକାନ ଛାତକୁ ଚଢି ଧୂପ ଦେଉଥିବା ବେଳେ ଅସାବଧାନତାବଶତଃ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭାପୁର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଭୁବନେଶ୍ୱର ପଠାଯାଇଛି।

■ ସ୍ୱାସ୍ଥ୍ୟ ବିଭାଗ ସମୀକ୍ଷା ବୈଠକ

# ସମସ୍ତ କାର୍ଯ୍ୟକ୍ରମ ଫଳପ୍ରଦ କରିବାକୁ ନିର୍ଦ୍ଦେଶ




ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

**ନୟାଗଡ଼ ଅଫିସ,୨୭।୮**

ଜିଲାପାଳ ଡ. ପୋମା ଟୁଡୁଙ୍କ ଅଧକ୍ଷତାରେ ମଙ୍ଗଳବାର ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ସ୍ୱାସ୍ଥ୍ୟ ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ବିଭାଗର ସମସ୍ତ କାର୍ଯ୍ୟକ୍ରମକୁ ଲୋକାଭିମୁଖୀ ତଥା ଫଳପ୍ରଦ କରିବା ପାଇଁ ଜିଲାପାଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନ୍ତର୍ଗତ ମୋବାଇଲ୍ ହେଲଥ୍ ଟିମ୍ ଜିଲାର ପ୍ରତ୍ୟେକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କାର୍ଡ଼ ସୁନିଶ୍ଚିତ କରିବା ପାଇଁ କହିଥିଲେ। ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ଛତୁଆର ଗୁଣବତ୍ତାକୁ ଯାଞ୍ଚ କରିବା ପାଇଁ ଶିଶୁ ବିକାଶ ଅଧିକାରିଣୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟରେ ଛାତୀଛାତ୍ରଙ୍କୁ ଦିଆଯାଉଥିବା ଆଇରନ୍ ବଟିକା ଶତପ୍ରତିଶତ ସେବନ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ କୁହାଯାଇଥିଲା। ସାର୍ବଜନୀନ ଟୀକାକରଣ ଓ ମମତା ଦିବସର ସଫଳ ରୂପାୟନ ପାଇଁ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ଓ ତଦାରଖ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ର, ସହକାରୀ ଜିଲା ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡା. ସୁରେଶ ଚନ୍ଦ୍ର ମିଶ୍ର, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଡ. ସୁନିଲ କୁମାର ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଅପହରଣ ବେଳେ ନାବାଳିକା ଉଦ୍ଧାର

**ନୟାଗଡ଼ ଅଫିସ,୨୭।୮**

ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଅପହରଣ ବେଳେ ମଙ୍ଗଳବାର ନୟାଗଡ଼ ଚାଇଲ୍ଡ ଲାଇନ୍ ତାଙ୍କୁ ଉଦ୍ଧାର କରିଛି। ମିଳିଥିବା ସୂଚନା ଅନୁସାରେ କନ୍ଧମାଳ ଜିଲା ଖଜୁରୀପଡ଼ା ଥାନା ଅଞ୍ଚଳର ନାବାଳିକାଙ୍କୁ ଜଣେ ବ୍ୟକ୍ତି ବସ୍‌ରେ ଭୁବନେଶ୍ୱର ନେଇ ଯାଉଥିବା ନେଇ ଚାଇଲ୍ଡ ଲାଇନ ଖବର ପାଇଥିଲା। ପରେ ଅପରାହ୍ନ ୩ଟା ୫୦ ମିନିଟ ସମୟରେ ନୟାଗଡ଼ ବସ୍‌ଷ୍ଟାଣ୍ଡଠାରେ ଉକ୍ତ ଘରୋଇ ବସ୍‌କୁ ଅଟକାଇ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ସମ୍ପୃକ୍ତ ବ୍ୟକ୍ତି ବସ୍ ଭିତରେ ଥିଲେ ମଧ ନାବାଳିକା ଜଣକ କିଛି କହି ନ ଥିବାରୁ ତାଙ୍କୁ ଚିହ୍ନଟ କରାଯାଇ ପାରି ନ ଥିଲା। ଚାଇଲ୍ଡ ଲାଇନ୍‌ର କର୍ମକର୍ତ୍ତା ଚନ୍ଦ୍ରଶେଖର ବେହେରା, ତମାସୀ ପଟ୍ଟନାୟକ, ଟାଉନ ପୋଲିସ ମିଳିତ ଭାବେ ଏହି ଚଢ଼ାଉ କରିଥିଲେ। ଶିଶୁ ମଙ୍ଗଳ ସମିତିରେ ନାବାଳିକାଙ୍କୁ ହାଜର କରାଯାଇ ତପସ୍ୟା ଶିଶୁ ଗୃହରେ ରଖାଯାଇଛି। ଫୁଲବାଣୀ ଚାଇଲ୍ଡ ଲାଇନ୍‌କୁ ଜଣାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ଦିଆଯାଇଛି।

୧୦ମାସ ପରେ ଖୋଲିଲା ଶ୍ରୀରଘୁନାଥ ଜୀଉଙ୍କ ହୁଣ୍ଡି

# ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସଂଗ୍ରହ

**ଓଡ଼ଗାଁ, ୨୭।୮(ସ୍ୱ.ପ୍ର.)**

ନୟାଗଡ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ହୁଣ୍ଡି ଦଶ ମାସ ବ୍ୟବଧାନରେ ମନ୍ଦିର କାର୍ଯ୍ୟାଳୟରେ ମଙ୍ଗଳବାର ଖୋଲଯାଇଥିଲା। ନୟାଗଡ ଉପଜିଲାପାଳ ତଥା ଜିଲା ଦେବୋତ୍ତର ଅଧିକାରୀଙ୍କ ନିର୍ଦ୍ଦେଶାନୁସାରେ ତହସିଲଦାର ପ୍ରମୋଦ କୁମାର ନାୟକଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲଯାଇଥିଲା। ମନ୍ଦିର କର୍ମଚାରୀ, ପୋଲିସ ଓ ସେବକ ପରିଷଦର ସଦସ୍ୟମାନେ ଉପସ୍ଥିତ ରହି ହୁଣ୍ଡି ଖୋଲିବା ସହିତ ହୁଣ୍ଡିରୁ ମିଳିଥିବା ସମସ୍ତ ନଗଦ ଟଙ୍କା ଗଣତି କରିଥିଲେ। ସୁନା, ରୁପା ଅଳଙ୍କାର ଓ ପିତଳ ସାମଗ୍ରୀର ଓଜନ କରିଥିଲେ। ମନ୍ଦିର କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ନଗଦ ୩ଲକ୍ଷ ୧୧ହଜାର ୫୫୯ ଟଙ୍କା, ୩.୯୦୦ମିଲିଗ୍ରାମ ସୁନା, ୯୪ ଗ୍ରାମ ରୁପା ଅଳଙ୍କାର ଓ ୫ କେଜି ୪୦୦ ଗ୍ରାମ ପିତଳ ସାମଗ୍ରୀ ସଂଗ୍ରହ ହୋଇଛି। ତହସିଲଦାର ନାୟକଙ୍କ ସହିତ ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର, ଥାନା ଅଧିକାରୀ ବଂଶୀଧର ବିଶ୍ୱାଳ, ପୂଜକ ପରିଷଦ ସଭାପତି ପୂର୍ଣ୍ଣଚନ୍ଦ୍ର ନନ୍ଦ, ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ଦାଶ ଓ ଦେବୋତ୍ତର ହିସାବ ରକ୍ଷକ ସୁବାସ ଚନ୍ଦ୍ର ବରାଡ, ମନ୍ଦିର ମୋହରି ବିଜୟ କୁମାର ଆଚାର୍ଯ୍ୟ ଓ ସନ୍ତୋଷ କୁମାର ପ୍ରସାଦ ଏବଂ ସୁଆର ସେବାୟତ ପ୍ରତିନିଧି ସୀମାଞ୍ଚଳ ପଣ୍ଡା ଉପସ୍ଥିତ ରହି ଗଣତି କାର୍ଯ୍ୟରେ ସହଯୋଗ କରିଥିଲେ।



ହୁଣ୍ଡି ଖୋଲାଯାଇ ଟଙ୍କା ଗଣତି କରାଯାଉଛି।

■ ନିଖିଳ ଉତ୍କଳ କଂସାରି ସମାଜ ଓଡ଼ିଶାର କାର୍ଯ୍ୟକାରିଣୀ କମିଟି ବୈଠକ

# ସଙ୍ଗଠନକୁ ସୁଦୃଢ଼ କରାଯିବା ଉପରେ ଗୁରୁତ୍ୱ

**ଖଣ୍ଡପଡା,୨୭।୮(ସ୍ୱ.ପ୍ର.)**

ଏକଦା ରାଜ୍ୟ ତଥା ରାଜ୍ୟ ବାହାରେ ସୁନାମ ଅର୍ଜନ କରିଥିବା କଂସାରି ସମାଜ କାମଧନ୍ଦା ଅଭାବରୁ ପରିବାର ପ୍ରତିପୋଷଣ ପାଇଁ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି। ଏହାକୁ ରୋକାଯିବା ସହ କଂସାରି ସମାଜକୁ ସୁଦୃଢ଼ କରିବାକୁ ହେଲେ ଆମକୁ ସଙ୍ଗଠିତ ହେବା ସହ ଆନ୍ଦୋଳନ ପନ୍ଥା ଗ୍ରହଣ କରିବାକୁ ପଡିବ ବୋଲି ନିଖିଳ ଉତ୍କଳ କଂସାରି ସମାଜ ଓଡ଼ିଶାର ପ୍ରଥମ କାର୍ଯ୍ୟକାରିଣୀ ବୈଠକରେ ମତପ୍ରକାଶ ପାଇଛି।

ପ୍ରକାଶ ଯେ, ରବିବାର ଭୁବନେଶ୍ୱରସ୍ଥିତ ହନୁମାନ ମନ୍ଦିର ପରିସରରେ ନିଖିଳ ଉତ୍କଳ କଂସାରି ସମାଜ ଓଡ଼ିଶାର କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ସମ୍ପାଦକ ଶ୍ରୀପତି ମହାରଣା ସ୍ୱାଗତ ଭାଷଣ ଦେବା ପରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ମହେନ୍ଦ୍ର କୁମାର ମହାରଣା ଗତ ଜୁଲାଇ ୨୨ ତାରିଖ ପୁରୀଠାରେ ଅନୁଷ୍ଠିତ ହୋଇଥିବା ସାଧାରଣ ସଭାର ବିବରଣୀ ପାଠ କରିଥିଲେ। ସର୍ବ ସମ୍ମତିକ୍ରମେ ଏହାକୁ ଗୃହୀତ କରାଯାଇଥିଲା। ସଂଗଠନର ଉପଦେଷ୍ଟା ଭାବେ କାର୍ତ୍ତିକ ମହାରଣା, ମାଗୁଣି ଚରଣ ପୃଷ୍ଟି, କାଳୁଚରଣ ସାହୁଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିବା ବେଳେ ସମୀକ୍ଷକ ଭାବେ କାର୍ତ୍ତିକ ମହାରଣା ଓ ନରେନ୍ଦ୍ର କୁମାର ସାହୁଙ୍କୁ ଚୟନ କରାଯାଇ ଦାୟିତ୍ୱ ଅର୍ପଣ କରାଯାଇଛି। ଏହାଛଡା ସଂଗଠନକୁ ଦୃଢୀଭୂତ କରିବା ପାଇଁ ତୃଣମୂଳ ସ୍ତରରୁ ସଂଗଠନ ସମ୍ପାଦକମାନେ ଜିଲା ସ୍ତରରୁ ସଂଗଠନ ଆରମ୍ଭ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଶେଷ କରି ରାଜ୍ୟ ସ୍ତରରେ ଗଠନ ହୋଇଥିବା ଏହି ଅନୁଷ୍ଠାନ ପକ୍ଷରୁ ରାଜ୍ୟର କୌଣସି ଏକ ଶିକ୍ଷାନୁଷ୍ଠାନକୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରାଯାଇ ଏହାର କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକ ପ୍ରାରମ୍ଭରେ ଅଧାପିକା ଜ୍ୟୋତ୍ସ୍ନା ମହାରଣା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କୈଳାସ ଚନ୍ଦ୍ର ସାହୁ,କିଶୋର ଚନ୍ଦ୍ର ମହାରଣା, ଦଣ୍ଡପାଣି ସାହୁ, ସୁଦର୍ଶନ ସାହୁ, ସୁରେନ୍ଦ୍ର ନାଥ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଅନୁଷ୍ଠାନର ସଭାପତି ରୀତା ସାହୁଙ୍କ ଅନୁପସ୍ଥିତିରେ କାର୍ଯ୍ୟକାରୀ ସଭାପତି ମହାରଣା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଉକ୍ତ ବୈଠକରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୭୦ରୁ ଊର୍ଦ୍ଧ୍ୱ ସଦସ୍ୟା ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ବୈଠକରେ ଉପସ୍ଥିତ ସଦସ୍ୟମାନେ।

■ ଦୁର୍ଦ୍ଦଶା ଭୋଗୁଛନ୍ତି ବଡ଼ଶିଲିଙ୍ଗା ପଞ୍ଚାୟତବାସୀ

# ଖାଲୁଆ କର୍ଦ୍ଦମାକ୍ତ ରାସ୍ତା ମୁଖ୍ୟ ସମସ୍ୟା

**ଗଣିଆ,୨୭।୮(ଡି.ଏନ.ଏ.)**

ନୟାଗଡ ଜିଲା ଗଣିଆ ବ୍ଲକ ବଡଶିଲିଙ୍ଗା ପଞ୍ଚାୟତବାସୀଙ୍କୁ ଦୁର୍ଦ୍ଦଶା ସତେ ଯେମିତି ପିଛା ଛାଡୁନି । ଉକ୍ତ ପଞ୍ଚାୟତରେ ସଦାସର୍ବଦା ବହୁବିଧ ସମସ୍ୟା ଲାଗି ରହୁଛି। ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇପାରୁନଥିବା ଉକ୍ତ ପଞ୍ଚାୟତବାସୀ ଗମନାଗମନ ପାଇଁ ଆଜି ବି ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି ।

ବଡ଼ମୂଳଠାରୁ ବଡଶିଲିଙ୍ଗା ପଞ୍ଚାୟତକୁ ସଂଯୋଗ କରୁଥିବା ୧୫ କିଲୋମିଟର ମୁଖ୍ୟ ରାସ୍ତା ସାରା ଖାଲଖମାରେ ପରିଣତ ହୋଇଛି। ଫଳରେ ଅସରାଏ ବର୍ଷା ହେଲେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଛି। ପରିସ୍ଥିତି ଏଭଳି ହେଉଛି ଯେ, ସାଇକେଲ ଟିଏ ଯିବା କଷ୍ଟକର ହୋଇପଡୁଛି। ରାସ୍ତାର ଦୁରବସ୍ଥା ଯୋଗୁ ବିଭିନ୍ନ କାର୍ଯ୍ୟ ପାଇଁ ଉକ୍ତ ପଞ୍ଚାୟତର ଲୋକମାନେ ଛାମୁଣ୍ଡିଆ ଓ ଗଣିଆ ଆସିବାକୁ ହେଲେ ଅଧିକ ଖର୍ଚ୍ଚାନ୍ତ ହୋଇ ଦଶପଲ୍ଲା ଦେଇ ଆସିବାକୁ ପଡୁଛି । ଅନ୍ୟପକ୍ଷେ ରାସ୍ତା ସମସ୍ୟା ଯୋଗୁ ଏହି ପଞ୍ଚାୟତବାସୀ ଆମ୍ବୁଲାନ୍ସ ପରି ଜରୁରିକାଳୀନ ସେବା ମଧ୍ୟ ପାଇପାରୁ ନ ଥିବା ଅଭିଯୋଗ କରିଛନ୍ତି ।



କଚ୍ଚା ରାସ୍ତାରେ ପାଣି ଜମି ରହିଛି।

ପ୍ରକାଶ ଯେ, ବଡ଼ମୂଳଠାରୁ ବଡ଼ଶିଲିଙ୍ଗା ପଞ୍ଚାୟତକୁ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତବାସୀଙ୍କ ତରଫରୁ ଦୀର୍ଘଦିନ ଧରି ପ୍ରଶାସନ ନିକଟରେ ଦାବି ହୋଇଆସୁଥିଲା । ସରକାରଙ୍କ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଛାମୁଣ୍ଡିଆ ପଞ୍ଚାୟତର ବଡ଼ମୂଳ ପିଡବ୍ଲୁଡି ରାସ୍ତାଠାରୁ ବଡ଼ଶିଲିଙ୍ଗା ପଞ୍ଚାୟତର ଶିଖରଗୋଛା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୨୦୧୮ ଜୁନ୍‌ରେ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ତେବେ ଗତ ଜୁଲାଇ ଶେଷ ସୁଦ୍ଧା ସମ୍ପୃକ୍ତ ଠିକାଦାର ଏହି ରାସ୍ତାର ସମସ୍ତ କଲଭର୍ଟ କାର୍ଯ୍ୟ ଶେଷ କରିଥିବା ବେଳେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରି ନ ଥିବା ଦେଖିବାକୁ ମିଳିଛି । ଏହି ରାସ୍ତାର କେତେକ ସ୍ଥାନରେ ବିଛାଯାଇଥିବା ମାଟି ମୋରମ ବର୍ଷାରେ ଧୋଇଯିବା ସହ କାଦୁଅ ଖାଲଖମାରେ ପରିଣତ ହୋଇଛି । ବିଶେଷକରି ଗତ କିଛିଦିନ ଧରି ଲଘୁଚାପଜନିତ ବର୍ଷା ଯୋଗୁ ଏହି ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ଅପରପକ୍ଷେ ଗତ ଦୁଇ ଦିନ ତଳେ ଲଗାଣ ବର୍ଷାରେ ପାହାଡ଼ରୁ ମାଟି ଅତଡ଼ା ଖସି ରାସ୍ତା ଜାମ୍ ହୋଇଥିଲା। ଏହି ରାସ୍ତା ଉପରେ ମାଟି ପଥର ଗଦା ହୋଇ ରହିବା ଦ୍ୱାରା ଉକ୍ତ ପଞ୍ଚାୟତବାସୀ ରବିବାର ମଧ୍ୟାହ୍ନରୁ ସୋମବାର ଅପରାହ୍ନ ପର୍ଯ୍ୟନ୍ତ ଯାତାୟାତ କରି ପାରୁ ନ ଥିଲେ। ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଥିଲା । ସୋମବାର ଅପରାହ୍ନରେ ବନ୍ୟପ୍ରାଣୀ ବିଭାଗର କେତେକ ଅସ୍ଥାୟୀ କର୍ମଚାରୀ ରାସ୍ତାରୁ ମାଟି ପଥର ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା । ତେବେ ଚଳିତ ବର୍ଷାଋତୁରେ ରାସ୍ତାର ଖାଲୁଆ ସ୍ଥାନଗୁଡିକରେ ମୋରମ ବିଛାଗଲେ ଅଞ୍ଚଳର ସମସ୍ୟା ଦୂର ହୋଇପାରନ୍ତା ବୋଲି ବଡ଼ଶିଲିଙ୍ଗା ସରପଞ୍ଚ ପୁଷ୍ପଲତା ନାୟକ କହିଛନ୍ତି । ଏ ସମ୍ପର୍କରେ ଗଣିଆ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠଯନ୍ତ୍ରୀ ଲକ୍ଷ୍ମୀକାନ୍ତ ରାଉତଙ୍କୁ ପଚାରିବାରୁ ବର୍ଷାଋତୁ ପରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ତେବେ ରାସ୍ତାରେ ପିଚୁ ବଦଳରେ ସିମେଣ୍ଟ କଂକ୍ରିଟରେ ନିର୍ମାଣ କରାଯିବ ବୋଲି କହିଥିଲେ ।